ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା
Vol: 2 Issue: 1
February 2007

# ଆହ୍ୱାନ

ଓଡିଆ ଭାଷାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ,

ଏମ୍ ବି ବି ଏସ୍, ପି ଜି ଡି ଏମ୍ ସି ଏଚ୍

ସଂପାଦକ, ଆହ୍ୱାନ

ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍

ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଫୋନ୍: ୦୬୮୦-୩୨୯୬୫୩୨

ମୋବାଇଲ୍: ୦୯୨୩୮୬୮୫୬୯୮

## ଏଇ ସଂସ୍କରଣରେ ରହିଛି:-

| | |
|---|---|
| ଆମ ଗାଁ ହାଲ୍ଚାଲ | ୨ |
| ମଉସା ଡାକରୁ ରକ୍ଷା ପାଆନ୍ତୁ | ୪ |
| ଡାଇବେଟିସ୍ ଚିକିତ୍ସା | ୬ |
| ଦୋଚାରୁଣୀ | ୬ |
| ଦୁର୍ବୁଦ୍ଧି | ୮ |
| ଫଗୁଣ ମାସରେ ଜଗନ୍ନାଥ | ୧୧ |
| ଶ୍ରୀମତି କମ୍ ନୁହନ୍ତି | ୧୨ |
| ମନୁଷ୍ୟ | ୧୪ |
| ଲଙ୍କାରେ 'ହରି' ଶବ୍ଦ | ୧୫ |
| ବିଧବା ଭତ୍ତା | ୧୮ |
| ଡାକ୍ତର ସହଦେବ ସ୍ୱାଇଁ | ୨୦ |
| ସଲଜ୍ଜା ଜୁଡୁମ୍ | ୨୧ |
| ସଲ୍ମାନ ରୁସଦି | ୨୨ |
| ନବଉତ୍କଳର ଅନୁଡିଶାଳ | ୨୪ |
| ନିବେଦନ | ୨୭ |




ସଂପାଦକୀୟ

ଏକ ନୂତନବର୍ଷର ଅୟମାରମ୍ଭ, ଏକ ନୂତନ ଯୁଗର ଆରମ୍ଭ। ଦୀର୍ଘ ଏକ ବର୍ଷର ଅନବରତ ପ୍ରଚେଷ୍ଟା, ଏକ ବର୍ଷ ଆପଣଙ୍କ ମନ ମସ୍ତିଷ୍କକୁ ଆନ୍ଦୋଳିତ କରିବାକୁ, ଏକ ବର୍ଷ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡିଆମାନଙ୍କୁ ଓଡିଆ ସହିତ ପୁନଃ ପରିଚିତ କରାଇବାର, ଏକ ବର୍ଷ ଓଡିଶାକୁ ବିଶ୍ୱ ମାନଚିତ୍ରରେ ଏକ ଅନନ୍ୟ ଛବି ଦେବାର। ଆମେ ଅନେକ ଦିନ ଦେଖିଛୁ, କିଛି ଖୁସି କିଛି ଦୁଃଖର। କଷ୍ଟ ହେଉଛି, ନିଜର ନିତ୍ୟକର୍ମ, ଚାକିରୀ ତଥା ଅନ୍ୟାନ୍ୟ କର୍ଯ୍ୟକ୍ରମର ବ୍ୟସ୍ତତା ଭିତରେ ବି ପ୍ରତ୍ୟେକ ମାସରେ କିଛି ଗୋଟିଏ ନୂଆ କରିବାର ଉନ୍ମାଦନା, ଆହୁରି ଆଗକୁ ଯିବାର ପ୍ରେରଣା ଯୋଗାଇ ଦେଇଛି। ବର୍ଷେତଳେ ମାତ୍ର ଏକ ପରୀକ୍ଷଣ ଭାବରେ ଆରମ୍ଭ ହୋଇଥିବା ଆମ ଆହ୍ୱାନରେ ବର୍ତ୍ତମାନ ବିଶ୍ୱପ୍ରାଣ ଆନ୍ଦୋଳିତ, ଅନେକ ଓଡିଆ ମାନଙ୍କୁ ନିଜ ପ୍ରତି ଆକର୍ଷିତ କରି ପାରିଥିବା ଏହି ପତ୍ରିକା ସଂପ୍ରତି, ଏହାର ପ୍ରଥମ ଜନ୍ମବାର୍ଷିକୀ ପାଳନ କରିସାରିଛି। ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟା ଆପଣ ମାନଙ୍କୁ ସମର୍ପଣ କରିବା ବେଳେ ମନରେ ସେଇ ଏକା ପ୍ରକାର ଚିନ୍ତାଧାରା ସୃଷ୍ଟି ହେଉଛି ଯାହା ଏକ ବର୍ଷ ତଳେ ହୋଇଥିଲା। ଅନେକ ଆଶା ଆଉ ଆଶଂକାର ସମଷ୍ଟି ଆଉ ସେହି ଅନ୍ଧକାରରୁ ଉଠୁଥିବା ଆଶାର କିରଣ, ଭବିଷ୍ୟପାଇଁ ମୋର ପୁଞ୍ଜି।

ଏହି ସଂସ୍କରଣ ଯଦ୍ୟପି ଏକ ନୂଆ ବର୍ଷରେ ପତ୍ରିକାର ପ୍ରଥମ ପରିପ୍ରକାଶ ତଥାପି, କର୍ମବ୍ୟସ୍ତତା ଯୋଗୁଁ ଏହି ସଂସ୍କରଣକୁ ଆହୁରି ଅଧିକ ସୁନ୍ଦର କରି ଗଢିବା ମୋ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ। ସଂପ୍ରତି ମୁଁ ନୂଆ ପାଠ୍ୟକ୍ରମରେ ନାମ ଲେଖାଇ ଥିବା ଦୃଷ୍ଟିରୁ ଏହି ପତ୍ରିକା ପାଇଁ ଆବଶ୍ୟକ ସମୟ ଦେଇ ପାରିନାହିଁ। କିନ୍ତୁ ଆଗାମୀ ସମସ୍ତ ସଂସ୍କରଣ ଏହି ଅବହେଳାର ଶୀକାର ହେବନାହିଁ ବୋଲି ମୁଁ ଆଶା କରୁଛି।

ଗତ ରବିବାର ଦିନ ଓଡିଶାର ବରେଣ୍ୟ ମଧୁବାବୁଙ୍କ ଜୟନ୍ତୀ ପାଳନ ହୋଇଯାଇଛି, ଆଉ ଏହି ଅବସରରେ ଆମ ପତ୍ରିକାର ପରିପ୍ରକାଶନ ବିଶେଷ ମହତ୍ତ୍ୱ ରଖୁଛି। ଆଶା କରୁଛି, ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଓଡିଆ ପାଇଁ ଥିବା ସ୍ନେହ ଓ ଶ୍ରଦ୍ଧାକୁ ମନେପକାଇ ଓଡିଆ ଭାଷାର ବିସ୍ତାରରେ ସାହାଯ୍ୟ କରିବେ।

ଆସନ୍ତୁ, ଆହ୍ୱାନର ଆହ୍ୱାନରେ ସାମିଲ୍ ହୁଅନ୍ତୁ । ଏହି ପଦସହିତ ମୁଁ ଆହ୍ୱାନର ଏହି ସଂସ୍କରଣ ଓଡିଆ ଭାଷାର ଉନ୍ନତି ନିମିତ୍ତ ପ୍ରକାଶିତ କରୁଛି ।

ଏହି ସଂସ୍କରଣରେ ଆମେ କିଛି ନୂତନତ୍ୱ ଆଣିବାକୁ ଚେଷ୍ଟା କରିଛୁ, ଯେମିତି ଡା ସହଦେବ ସ୍ୱାଇଁଙ୍କ ଅନୁରୋଧରେ ପ୍ରଥମ ଥରପାଇଁ ସ୍ୱାସ୍ଥ୍ୟ ସୂଚନା ସମ୍ବଳିତ ମଧୁମେହ ରୋଗ ବିଷୟରେ ଏକ ଲେଖା ପ୍ରକାଶ କରିଛୁ । ଏହା ସହିତ ଭାରତର ପ୍ରଥମ ନୋବେଲ୍ ପୁରସ୍କାର ବିଜୟୀ ଗୁରୁ ରବିନ୍ଦ୍ରନାଥ ଠାକୁରଙ୍କ କାହାଣୀର ଓଡିଆ ଅନୁବାଦ ମଧ୍ୟ ପ୍ରକାଶ କରିଛୁ, ଏହା ସହିତ ଆହୁରି ଅନେକ ଲେଖା ପ୍ରକାଶ କରିଛୁ । ଆଶା ଆପଣ ମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

# ଆମ ଗାଁ ହାଲ୍‌ଚାଲ୍

(ପୂର୍ବ ପ୍ରକାଶିତ ଉତ୍ତାରୁ, ପ୍ରଥମ ଭାଗ ଡିସେମ୍ବର ୨୦୦୬ ସଂଖ୍ୟାରେ ପାଇବେ)

ବଳିଆ ଦଉଡିଲା କାର୍ଜିଘରକୁ, ଆଜ୍ଞା ଡକା କରିଛନ୍ତି ଯେତେବେଳେ ନିଶ୍ଚୟ କିଛି କାମ ଥିବ । କାର୍ଜି କହିଲେ, 'ବଳିଆ, କାଲି ସକାଳୁ ଶଗଡ ବାହାର କରିବୁ ଷ୍ଟେସନ୍ ଯିବା । ଆମ ପୁଅମାନେ ଆସୁଛନ୍ତି । କୁନା ବୋଉକୁ ସାଙ୍ଗରେ ଧରି ବାହାରିବୁ, ପିଲାଟାକୁ ଷ୍ଟେସନ୍‌ରୁ ହିଁ ପାଛୋଟି ଆଣିବ । ବଳିଆ କେତେ କୋଟିନିଧି ପାଇଗଲା ପରି ଖୁସି ହେଲା, କିନ୍ତୁ କୁନା ବୋଉକୁ କହିଲାନି, ମନେ ମନେ ଭାବିଲା, କୁନାକୁ ଧରି ସିଧା ଘରକୁ ଯିବ ଆଉ ତା' ବୋଉକୁ ଚମକାଇ ଦେବ । କିନ୍ତୁ ଘରକୁ ପହଞ୍ଚିବା ପୂର୍ବରୁ କୁନା ବୋଉର କାନ୍ଦ ଦେଖି ଜାଣିଗଲା, ଯେ ସେ ବି ପୁଅ ଆସିବାର ଖବର ପାଇ ସାରିଚି । ବୋଧହୁଏ କାର୍ଜିଘର ମାଇକିନିଏ ଗାଧୁଆତୁଠରେ କହି ଦେଇଥିବେ ।

ସକାଳର ରେଳଗାଡି ଆଉ କିଛି ସମୟ ପୂର୍ବରୁ ଆସି ଚାଲିଗଲା । କିନ୍ତୁ ଆମ ଷ୍ଟେସନ୍‌ରେ ତ କେହି ଓହ୍ଲାଇଲେ ନାହିଁ! କହିଦେଇ ଷ୍ଟେସନ୍ ମାଷ୍ଟ୍ରେ ଚାଲିଗଲେ । ବଳିଆ ଖାଲି ଆଁ ଟା କରି ଦେଖି ରହିଗଲା । ଆଉ କିଛି କହିବା ବି ତ ସମ୍ଭବ ନଥିଲା । କାରଣ ସେ ଆସିଥିଲା ବୋଧହୁଏ ଡେରୀରେ । ମନକୁ ମନ ଖୁବ୍ ରାଗିଲା । ପୁଅଟା ଏତେ ଦିନେ ଘରକୁ ଫେରିବ ବୋଲି ଖବର ପଠେଇଥିଲା ଯେ ସେ ଷ୍ଟେସନ୍ ଟିକେ ବି ଯାଇ ପାରିଲା ନାହିଁ । କେତେ ହଇରାଣ ହେଇଥିବ ସତେ ପିଲାଟା । ତା' ବ୍ୟାଗ୍ ବସ୍ତାନି ଉଠେଇ ଉଠେଇ ଘରକୁ ଯାଇଥିବ ।

'ହଇରେ ବଳିଆ ।' ଡାକ ଶୁଣି ସେ ପଛକୁ ଚାହିଁଲା । କାର୍ଜି ଆଜ୍ଞା ଷ୍ଟେସନ୍‌କୁ ପଶି ଆସୁ ଆସୁ କହିଲେ, 'କଣ କିରେ? ପୁଅ ଆସିବ ବୋଲି ରାତି ଶୋଇନୁ ନା କ'ଣ? ଏତେ ପାହାନ୍ତିରୁ ଆସି ବସିଛୁ?' ସେ କହିଲା, 'ହେଲେ କିସ ହେବ ଆଜ୍ଞା, ଗାଡି ତ ଅଇଲା ଆଉ ପଳାଇଲା, କାହିଁ କିଏ ତ ଓହ୍ଲାଇଲେ ନାହିଁ?' କାର୍ଜି ହସିଦେଇ କହିଲେ, 'ଆରେ ମୁର୍ଖ, ସେଇଟା ଆଉ କୋଉ ଗାଡି ହେଇଥିବ । ପୁଅ ଆସିବା ଗାଡି ସମୟ ଆହୁରି ହେଇନି । ମୋ ପୁଅ ବି ତ ଆସିବ ।' ବଳିଆ ମୁହଁ ଉଜ୍ଜଳ ହୋଇଗଲା । ସେ କହିଲା, 'ସାଆନ୍ତେ, ଆମେ ମୁର୍ଖଲୋକ ତ ସେଇଲାଗି ଜାଣି ପାରିଲୁ ନାହିଁ । ଆଜ୍ଞା ମୁଁ ଶଗଡ ଯୁଗାଡ କରିଲି, ଆଉ ବଡିଭୋରରୁ ଭାରିଆଇଲି (ବାହାରି ଆସିଲି) । ସାନବାବୁ ଆଇଲେ ଆମ ଶଗଡରେ ପଳେଇବା ।' କାର୍ଜି ହସିଲେ। ଷ୍ଟେସନ୍ ପାଖ ଚା' ଷ୍ଟଲ୍‌ରୁ ଚା ଗିଲାସଟା ବଳିଆ ହାତକୁ ବଢେଇ ଦେଉ ଦେଉ କାର୍ଜି କହିଲେ, 'ବୁଝିଲୁ ବଳିଆ, ଆମେ ସବୁ ପୁରୁଣା ହେଇଗଲେ ରେ । ଆମ ପିଲାମାନେ ଏବେ ଯୁଗ ଦେଖୁଛନ୍ତି, କି ଯୁଗ ଇଏ ହେଲାଣି, ବୋପାକୁ ବୋପା କହିବାକୁ ଲାଜ, ସହରରେ ରହି ଗାଁକୁ ପୁରା ଭୁଲି ଗଲେ ଆମ ପିଲାଏ । ଗଲାସନ (ବିଗତ ଥର) ସହରକୁ ଯାଇଥେଲି ଯେ, ସାନବାବୁ କହିଲେ, ନନା, ତୁମେ ଏଇ ଧୋତି ସବୁ ପିନ୍ଧି ଏଇଠିକୁ ଆସନି, ମୋର ଷ୍ଟାଟସ୍ ଖରାପ ହେଉଛି । କି ଷ୍ଟାଟସ୍ କେଜାଣି ରେ ବାପ ମୋ ଜୀବନରେ ମୁଁ ତ କେବେ ଜାଣିନି । ହଇରେ ଧୋତି ଖଣ୍ଡେ ଆଉ ଗାମୁଛାଟେ ଗୁଡେଇ ହେଇ ଦୁଆରେ ବସିଲେ, ତିନିକୋଡି (ଷାଠିଏ) ଗାଁର ଲୋକେ ମୁଣ୍ଡ ନୁଆଁଇ ଜୁହାର କରୁଛନ୍ତି ନା ନାହିଁ? ଏଇଟା କଣ ସମ୍ମାନ ନାହିଁ?'

ବଳିଆ କହିଲା, 'ଆଜ୍ଞା ଆମେ ଗାଁ ନୁକ (ଲୋକ), ଯେମିତି ସେମିତି ଖାଇ ପିଇ ବଞ୍ଚିଯାଉଚେ, ହେଲେ ବାବୁମାନେ ପରା ସହରରେ ରହୁଛନ୍ତି, ସେଇଠି କଣ ଆଉ ଆମ ସରିକା (ପରି/ ଭଳି) ଚଳି ହେବକି? ମୁଁ ତ ସେଇଥି ପାଇଁ ସହରକୁ ଖୋଦ୍ ଯାଉନି । ତା' ବୋଉ କେତେଥର କହିଲାଣି, ଯେ! ଆଜ୍ଞା କିସ ପାଇଁ ସହରକୁ ଯିବି, ଆଉ ମୋ ପୁଅର ଅସମ୍ମାନ କରିବି ।

ସେ ଯଦି ଖୁସିରେ ଅଛି, ମୋତେ ଆଉ କିସ ଲୁଡା (ଦରକାର)। ଗଲାସନ ତା ବୋଉ ମୁଡିମୁଆଁ କେତେଟା ଦେଇଥିଲା ଯେ ଦିନକରେ ସବୁ ଖାଇଦେଲେ ବୋଲି ଚିଠି ଲେଖିଥିଲା, ପିଲାଟା ଖାଇବାକୁ

ଟିକେ ଭଲରେ ପାଉନି ବୋଲି ଯାହା ଚିନ୍ତା ଲାଗୁଛି। ଘରେ ଦିନେ ହେଲେ ଉଣା ହେଲେ ଏତେ ହାଟନାଟ କରିବା ଟୋକାଟା କେମିତି ସହରରେ ଚଳୁଥିବ ଭାବିଲେ ଆଖିରେ ଲୁହ ଆସୁଛି। କେତେ ଗେଲ୍ଲାରେ ତା'କୁ ବଡ କରିଥିଲି, ଆଜ୍ଞା, ତୁମକୁ ମିଛ ମୋତେ ସତ, ଯେତେବେଳେ ଯାହା କହିଲା ଆଣି ଦେଇଥିଲି, କହିଲା ସାନବାବୁ ସାଇକିଲ ଚଳଉଚନ୍ତି, ଜମି ଖଣ୍ଡେ ବିକି ସେଇଟା ବି ଆଣିଦେଲି। ଏବେ କାହିଁ କେତେ ଦୁରରେ ପିଲାଟା କଣ କରୁଥିବ?'

କାର୍ଜି କହିଲେ, 'ହଉ ଚାଲ। ଦେଖିବା, ରେଳ ଆସିବା ସମୟ୍ ହେଲାଣି।'

ଶଗଡ ପଛରେ କାର୍ଜି ସାନବାବୁ ସହିତ ବସି କଥା ହେଉଥିବା ବେଳେ, ବଳିଆ ବୁଲି ବୁଲି ନିଜ ପୁଅକୁ ଚାହୁଁଥିଲା। ତା' ପୁଅ ବି କେଉଁ ଗୁଣରେ ସାନବାବୁଠୁ କମ ଲାଗୁନଥିଲା। ଆଉ ସେ ବି ମଝି ମଝିରେ ସାନବାବୁ ଓ କାର୍ଜିଙ୍କ କଥାବାର୍ତ୍ତାରେ ମିଶି ଯାଉଥିଲା। ଚଷା ମୁଲିଆ ଘର ପିଲା ବଡ ଘର ପିଲାଙ୍କ ସହ କଥା ହେବା କେତେ ବଡ କଥା ତାହା ବଳିଆ ମନେ ମନେ ଭାବୁଥିଲା। କାର୍ଜିଙ୍କ ଦୁଆରେ ଶଗଡ ଲାଗିଲା ବେଳେ କାର୍ଜି ସାନବାବୁଙ୍କ ସହିତ ତା' ପୁଅକୁ ବି ଭିତରକୁ ନେଇ ଚାଲିଗଲେ। ବଳିଆର ମନ କୁଣ୍ଡେ ମୋଟ ହେଇଗଲା। ଘରେ ପହଞ୍ଚୁ ପହଞ୍ଚୁ ଦିନ ଦଶ ହେଲାଣି, କୁନା ବୋଉ ଆସି ପୁଅକୁ ବନ୍ଦାପନା କରି ଘରକୁ ନେଲା। ସହର ଯିବାପରେ ପ୍ରଥମଥର ପୁଅ ଘରକୁ ଆସିଥିଲା। ଓଡିଆଣୀଙ୍କ ପ୍ରକୃତିର ପରିଚାୟକ କାନ୍ଦଣାଟିକେ ବି ହେଲା। ମୋ ପୁଅ ତ ଶୁଖି ଶୁଖି କଣ୍ଟା ହେଲା ବୋଲି କହିଲା ବେଳେ, ପଡିଶା ଘରୁ ଝିଅ ବୋହୁମାନେ ବି ମିଶିଗଲେ। ପିଲାଟା ଘରେ ନ ପଶୁଣୁ ଏମାନଙ୍କ ଏତାଦୃଶ କାର୍ଯ୍ୟକଳାପ ଦେଖି ବଳିଆ ବିରକ୍ତ ହେଲା। ଭଲ ହେଇଛି, କୁନା ବୋଉ କାନ୍ଦଣା ଶୀଘ୍ର ସାରିଦେଲା। ପୁଅକୁ ସ୍ନେହ କହି ଆଡିଶା କାକରା ଆଦି ପିଠା କରିଥିଲା। ସରୁ ଚକୁଳି ଦିଟା ସାଙ୍ଗେ ସାଙ୍ଗେ ବାଡିଦେଲା। ପୁଅ ଗାଧୋଇ ହୋଇ ଖାଇବାକୁ ବସିଲା। କିନ୍ତୁ ମାତ୍ର ଦି ତିନିଟା ଖାଇ ଦେଇ ଉଠିଗଲା। କୁନା ବୋଉ ଚମକି ପଡିଲା, କହିଲା, 'କି କଥା, ହଇରେ, କିସ ଦି ଟା ମାତର ଖାଇଲୁ ବା? ଏତେ ବାଟରୁ ଆଇଚୁ, ଆଉ ଦିଟା ଖା'।' ବଳିଆ କହିଲା, 'ଥାଉ। ଯଦି ତାକୁ ଇଚ୍ଛା ହଉନି।' କୁନା ବୋଉ କହିଲା, 'ଇ ମା, ଗଲା ବେଳକୁ ଏକା ଥରେ ଦଶଟା କାକରା ଖାଉଥିଲା, ଏବେ ଦିଟା। ସହରକୁ ଯାଇ ଅନ୍ତ (ଖାଦ୍ୟ ପାଇଁ ଅନ୍ନନଳୀ)କୁ ମାରି ଦେଲା ମୋ ପିଲା ଟା। କଉଠି କଣ ଟିକେ ଖାଇବାକୁ ପାଉଥିବ ଯେ।'

ଦିପହରକୁ ନନାବୋଉ ପାଖରେ ବସି କୁନା କହୁଥିଲା ତା ସହରର ଅନୁଭୁତି, ଆଉ ଏରୁଣ୍ଡି ସେପାଖରେ ବସିଥିଲେ ଗାଁର ଅନେକ ଲୋକ। ନିଜ ବ୍ୟାଗ ଖୋଲି କୁନା ଦେଖାଇଲା ସହରର ଫୋଟୋ। ଝିଅ ବୋହୁମାନେ ମରଦ ସରିଖା (ଭଳି) ପ୍ୟାଣ୍ଟ୍ ସାର୍ଟ୍ ପିନ୍ଧିଥିବା ଦେଖି, କୁନା ବୋଉ ମୁହଁରେ କାନି ଦେଇ ମୁହଁମୋଡିଲା। କିନ୍ତୁ ବଡ ବଡ ଘର ସବୁ ଦେଖି ସମସ୍ତେ ଆବାକ୍ ହେଇ ଯାଉଥିଲେ। ଏରୁଣ୍ଡି ସେପାଖରୁ ରେଙ୍ଗୁନ୍ ବୁଡା ଆସି କହିଲା, ମୋତେ ଦେଖାଅ ଟିକେ। ବିଟିଶ୍ ବୁଡାକୁ ଦେଖି କିଛି ପିଲା ଟିଟିକାରି ମାରି ଚିଡାଇଲେ। କୁନା କହିଲା, 'ଆସ ବାପା, ଏ ପାଖକୁ ଆସ।' ବିଟିଶ ବୁଡା ଆମ ଗାଁର କିମ୍ବଦନ୍ତୀ ପୁରୁଷ। କାରଣ ସେ ହିଁ ଥିଲା ଆମ ଗାଁର ପ୍ରଥମ ଲୋକ ଯିଏ ସହରକୁ ଯାଇଥିଲା। ସୁବାଷଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ବଳରେ ମିଶି ରେଙ୍ଗୁନ୍ ଯାଇ ଯୁଦ୍ଧ କରିଥିଲା ବୋଲି କହେ। ସେତେବେଳେ ସେ ଏକ ମାତ୍ର ଲୋକଥିଲା ଆମ ଗାଁରେ ଯିଏ ସରକାରୀ ଚାକିରୀ କରିଥିଲା। ଭାରତ ସ୍ୱାଧୀନ ହେଲା। ବ୍ରିଟିଶ ଚାଲିଗଲେ। କିନ୍ତୁ ବିଟିଶ୍ ବୁଡା ରହିଗଲା। ପାଗଳ ହେଇଗଲା। ଖାଲି ଗୋଟିଏ କଥା ବିଟିଶ୍ ଆସିବ ଆଉ ଆମକୁ ଫେର୍ ଯୁଦ୍ଧ କରିବାକୁ ପଡିବ।

ସହରର ଫୋଟ ଦେଖୁ ଦେଖୁ ବୁଡା କହିଲା, 'ବିଟିଶ୍ ଥେଲେ, ଗାଁ ସହର ହେଇଥିତା (ହୋଇଥାଆନ୍ତା)। ଗାଁକୁ ବାଟ କାଟିବା ନୁକ ବିଟିଶ୍। ଗୋରୀ ମେମ୍ ମାନେ ପେଣ୍ଟୁସାର୍ଟୁ ପିନ୍ଧି ଘୋଡା ଚଢୁଥିଲେ। ଏଇନେ ସବୁ ପୁଣି ଗରିବ ହେବା, ବିଟିଶ ଆଇଲେ ଚାକିରୀ ନଉକରି ମିଳିବ।' ସବୁ ପିଲା ମନେ ହସି ଉଠିଲେ। ପଛରୁ କିଏ ଜଣେ କହୁଥିଲା, 'ହଇରେ ରେଙ୍ଗୁନ୍ ବୁଡା, ଯା' ତେତେ ନେବାକୁ ବିଟିଶ୍ ଆଇଲାଣି।'

ଆହ୍ୱାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଦିନପରେ ସନ୍ଧ୍ୟା ହେଲା, ରାତିର ଅନ୍ଧକାର ଗାଁକୁ ଛୁଇଁଲା, କୋଠଘରେ ଘଣ୍ଟମୃଦଙ୍ଗ ବାଜିଲା । ବଳିଆ ମନ ଖୁସିରେ ଯାଇ ଭଜନ ଗାଇଲା, 'ଆସିଥିଲି କାଳିଆ ତୋ ଦରଶନ ପାଇଁରେ' । କୁନା ଦୁଆରଟାରେ ବସି ସବୁ ଦେଖୁଥିଲା । ବୋପା ଡାକିଲା ଯେ ଗଲାନି । ସେ ସହରରେ ପାଠ ପଢୁଆ ଆଉ କଣ ଗାଁ ଦାଣ୍ଡରେ କଛାମାରି ଗୀତ ଗାଇବ? ମନ୍ଦିରରୁ ଉଖୁଡା ଭୋଗ ଦି'ମୁଠା ନଡିଆ ମିଶାଇ ଆଣି ଦେଇଥିଲା, ଦୁଆର ଟାରେ କାନିରୁ ବାହାର କରି ପୁଅ ହାତରେ ଦେଇ ଭିତରକୁ ଚାଲିଗଲା । ବୋଉ ଘର ଭିତରୁ ଡାକ ପକାଉଥିଲା, 'ହଇରେ କୁନା, ଏ କୁନା । ଆ'ରେ ବାପ ଖାଇବୁ ଆ' । ସକାଳୁ ଆସିଲା ଯେ ପିଲାଟା, ମୁଠାଟେ ଭଲକି ଖାଇଲାନି । ହଇ ହେ, ବାଟଘାଟକୁ ଯାଉଚ, ମାଛ ଟିକେ କାଣେ ଆଣିଲନି? କୁନାକୁ କଣ ପରିବା ଆଉ ରୁଚିବ କି?'

ବୋଉ ହାତର ସନ୍ତୁଳା, ଆଉ ଚାଉଳ ବଟା ଦିଆ ପଣସ ଭଜା, ଦେଖି କୁନାର ଭୋକ ଆରମ୍ଭ ହେଲା । ସକାଳର ଯାହା ପେଟରେ ସ୍ଥାନ ଖାଲି ରଖିଥିଲା ତା'କୁ ବି ଭର୍ତ୍ତି କରିଦେଲା । ବଳିଆ କହିଲା, 'ପିଲାଟା କୁ ଦୃଷ୍ଟି ହେଇଥିଲା ପରା, ଦେଖୁନୁ ସକାଳୁ ଦିଟା କାକରା ଖାଇକି ରହିଗଲା, ଏବେ ଦେଖ, କୋଠଘର ଭୋଗ ପେଟରେ ଯେଇମିତି ପଡିଚି, ସବୁ ଦୃଷ୍ଟି ଭାଗ୍ ।'

ଦିନ ଦିଟା କେମିତି ବିତିଗଲା ଜଣା ପଡିଲା ନାହିଁ, କୁନା ପଳେଇଗଲା । ବୋଉ ତାର କାନ୍ଦି କାନ୍ଦି ଥୟ ହେଉନି । ବଳିଆର ମନ ଟା ବି ବୁଝୁନି । ଆଜି ହଳ ନେଇ ବିଲକୁ ଯାଇନି । ସଞ୍ଜ ବେଳକୁ କାର୍ଜି ଡକାକଲେ, କହିଲେ ପୁଅ ଯାଇ ସହରରେ ଭଲରେ ପହଞ୍ଚିଗଲା । ରାତିରେ ବଳିଆ ଆଉ କୁନାବୋଉ ଛିଡା ଚାଳକୁ ଦେଖି ଦେଖି ଶୋଇଗଲେ, ପୁଣି ସବୁ ଯେମିତି ସମାନ ହୋଇଗଲା ।

ସକାଳୁ ସକାଳୁ କୁନା ବୋଉ ରଡିଛାଡି ଡାକ ଦେଲା, 'ହଇ ହେ, କୁଆଡେ ଗଲ, ଟିକେ ଆସୁନ । ବଳିଆ ଦଉଡି ଗଲା, କୁନା ବୋଉ ଫୋଟ ଧରି ବସିଚି । ବଳିଆ ବିରକ୍ତ ହେଇ କହିଲା, 'କିସ ହେଲା, କାଣେ ଏତେ ଜୋରରେ ଡାକିଲୁ । ନିଦ ଭାଙ୍ଗିଦେଲୁ । ସକାଳୁ କେଡେ ଭଲ ନିଦ ଟେ ହେଇଥିଲା ।' କୁନା ବୋଉ ମୁରୁକି ମୁରୁକି ହସି କହିଲା, 'ଏଇ ଫୋଟ ଦେଖ ଆଉ କୁହ, ତୁମକୁ କୋ ଝିଅଟା ଭଲ ଲାଗୁଚି?' ବଳିଆ କିଛି ବୁଝି ପାରିଲାନି । ଫୋଟକୁ ଦେଖି ଚମକି ପଡିଲା, କୁନାର ଫୋଟରେ ତାକୁ ଘେରି ଖାଲି ଝିଅ ଆଉ ଝିଅ । ସେ କୁନା ବୋଉକୁ ଦେଖିଲା, କୁନା ବୋଉ କହୁଥିଲା, 'ମୋ କୁନା ତ ଲକ୍ଷେରେ ଗୋଟିଏ, ସବୁ ଝିଅ ତା' ସାଙ୍ଗରେ ଫୋଟ ଉଠେଇବାକୁ ବାଧ୍ୟ କରିଥିବେ । ମୋତେ ସେ ରଙ୍ଗ ସାର୍ଟୁ ପିନ୍ଧା ଝିଅଟା ଭଲ ଲାଗୁଛି । ତୁମକୁ କିଏ ପସନ୍ଦ ହେଉଚି ହେ?' ବଳିଆ ହସି ପକାଇ କହିଲା, 'ବୁଝିଲ କୁନା ବୋଉ ତୁମେ ସେଇ ମୁରୁଖ କୁ ମୁରୁଖ ରହିଲ । ହଇ ହେ ଏଇ ଫୋଟୋରେ ଏତେ ଲୋକ ଠିଆ ହେଇଚନ୍ତି, ତୁମକୁ କିଏ ବି ଦିଶିଲାନି । ହଇହେ ସମେତେ ଏକା ଶ୍ରେଣୀରେ ପାଠ ପଢୁଥିବେ, ସେଇପାଇଁ ଫୋଟ ଉଠେଇଥିବେ । ଆଉ କିଏ ନା କିଏ କହିଲା ବୋଉ କରିବ? ହେ ।' କୁନା ବୋଉର ମନ ମଉଳି ଗଲା, ତଥାପି କହିଲା, ଚାଲୁନ ଟିକେ ସହରକୁ ଯିବା, ପୁଅ କୋଉଠି ରହୁଛି, କଣ କରୁଛି ଦେଖି ଆସିବା । ଆଉ ସିଏ କୋ ଝିଅକୁ ଚାହୁଁଚି ଜାଣିବା । ଆଉ,'

ବଳିଆ କହିଲା, 'ଆଉ କଣ?'

କୁନା ବୋଉ ଲାଜ କରି ମୁଣ୍ଡପୋତି କହିଲା, 'ମେତେ ବି ସହର ଦେଖିବାକୁ ଇଚ୍ଛା ହଉଚି ।'

ବଳିଆ ଜୋରରେ ହସି ଉଠିଲା, କହିଲା, 'କହୁନୁ, ତେତେ ସହରୀ ମେମ୍ କରିଦେବି । ପେଣ୍ଟୁସାର୍ଟୁ ପିନ୍ଧେଇ ଦେବି ।

ଆଉ ତୁ ତୋ ପାଇଁ ହାଇପାଇ ବୋଉ ଆଣିବୁ ।'

ଦିଜଣ ହସି ଉଠିଲେ । ଘର ବାହାରେ ଗଉଡ କହୁଥିଲା, 'ମା' ଗାଇ ଟା ଫିଟେଇ ଦିଅ, ଗୋଠକୁ ଯିବ ।'

## 'ମଉସା' ଡାକରୁ ରକ୍ଷା ପାଆନ୍ତୁ

ଚନ୍ଦ୍ର ରାଓ ପଟ୍ଟନାୟକ

ସକାଳୁ ସକାଳୁ ଖବର କାଗଜ ପୃଷ୍ଠାଉପରେ ଆଖି ବୁଲଉ ବୁଲଉ ଧନୁର୍ଧର ବାବୁଙ୍କୁ ଲାଗିଲା ସତେ ଯେମିତି ତାଙ୍କୁ ମିଳିଗଲା ସରଗର ଚାନ୍ଦ । ଖବର କାଗଜର ଭିତର ପୃଷ୍ଠାରେ ବାହାରିଥିବା ଛୋଟିଆ ଗୋଟେ ବିଜ୍ଞାପନ ଧନୁର୍ଧର ବାବୁଙ୍କୁ କରିଦେଲା ମତୁଆଲା । ବିଜ୍ଞାପନଟି ପଢିସାରିବା ପରେ ସେ କୁରୁଳି ଉଠିଲେ; ଠିକ୍ ଯେମିତି ସେ ଦିନ ଫର୍ମୁଲା ପାଇ ଆର୍କିମେଡିସ୍ 'ୟୁରେକା' 'ୟୁରେକା' ଚିତ୍କାର କରି ପାଣି କୁଣ୍ଡରୁ

ଆହ୍ୱାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଡେଇଁପଡି ଦିଗମ୍ବର ଅବତାର ନେଇ ରାସ୍ତା ଉପରେ ଦଉଡି ଥିଲେ। ହୋଇପାରେ ଧନୁର୍ଧର ବାବୁଙ୍କ ପାଇଁ ତାହା ଥିଲା ଏଭଳି ଏକ ମୁହୂର୍ତ୍ତ, ଯେତେବେଳେ ସେ ହୁଏତ ପାଲଟି ଯାଇଥାନ୍ତେ ଆଧୁନିକ ଆର୍କିମେଡିସ୍। ଖବର କାଗଜର ପୃଷ୍ଠାରେ ସେ ଦିନ ବାହାରିଥିବା ଧାଡିକ ବିଜ୍ଞାପନ ତାଙ୍କୁ କରିଦେଇଥିଲା ସଂପୂର୍ଣ୍ଣ ଆନମନା। ପ୍ରକାଶିତେ ବିଜ୍ଞାପନଟିରେ ସେ ଦେଖିଲେ ତିନୋଟି ମୁଣ୍ଡ; ଗୋଟିକର କିଛି ଚୁଳ ନାହିଁ, ଅନ୍ୟଟିର ଅଛି କେରାଏ। ଗୋଟିଏ ଦେଖିବାକୁ ଚକ୍‌ଚକ୍ କରୁଥିବା ପେଣ୍ଟୁ ପରି ତ' ଆରଟିରେ ଅଛି କଲାମଚମଚ କିଛି କେଶ। ସେଥିକୁ ଲେଖା କ'ଣ ଅଛି ଜାଣନ୍ତି? 'ମଉସା ଡାକରୁ ରକ୍ଷା ପାଆନ୍ତୁ।'

ଧନୁର୍ଧର ବାବୁଙ୍କୁ ଏବେ ଚାଲିଛି ବତିଶି। ହେଲେ ବୟସ ଅନୁପାତରେ ମୁଣ୍ଡରେ ନାହିଁ ସେତିକି କେଶ। କେତେ ବଡ ବିଡମ୍ବନା ସତରେ। ଦିନ ଥିଲା ତାଙ୍କର ଗୋଲଗାଲ ଚେହେରାକୁ  ଭିଡେଇଲା ଭଳି ଗହନ କେଶ ଗୋଛାଏର ଅଧିକାରୀ ଥିଲେ ଧନୁର୍ଧର ବାବୁ। ମୁଣ୍ଡରେ ସିଏ ପାନିଆ ଚଳାଉଥିଲେ ସାଇଁ ସାଇଁ। କିନ୍ତୁ ଦେଖନ୍ତୁ ବିଧିର ବିଧାନ, ବର୍ଷ କେଇଟାରେ ଧନୁର୍ଧର ବାବୁଙ୍କ ମଥାରୁ ଗୋଟି ଗୋଟି କରି ସବୁ ଚୁଳ ମହାବାତ୍ୟା ପ୍ରପୀଡିତ ତାଳଗଛ ପ୍ରାୟ ଭୂଇଁ ଚାଟି ସାରିଛି। ଅବଶିଷ୍ଟ ଯେଉଁ କେତୋଟି ଅଛନ୍ତି ସେଗୁଡିକର ଆୟୁଷ ଆଉ ମାତ୍ର କିଛି ବର୍ଷ।

ଏପରି ଅବସ୍ଥାରେ ସେଦିନ ଖବର କାଗଜ ପୃଷ୍ଠାର ବିଜ୍ଞାପନଟି ଧନୁର୍ଧର ବାବୁଙ୍କ ଆଖିକୁ ରୀତିମତ ଝଲସାଇ ଦେଲା। 'ମାତ୍ର ପଇଁଚାଳିଶି ମିନିଟରେ ପାଆନ୍ତୁ ପ୍ରାକୃତିକ ଘନ କେଶରାଜି।' ଧନୁର୍ଧର ବାବୁ ବିଶ୍ୱାସ କରି ପାରିଲେନି ନିଜର ଦୁଇ ଚର୍ମ ଚକ୍ଷୁକୁ। ନିଜର ଉତ୍କଣ୍ଠାକୁ ଚାପି ନପାରି ସେ ଚିତ୍କାର କରି ଉଠିଲେ ଚମତ୍କାର, ଚମତ୍କାର। ଧନୁର୍ଧର ବାବୁଙ୍କ ଚିତ୍କାର ଶୁଣି ରୋଷେଇ ଘରୁ ଧାଇଁ ଆସିଲେ ତାଙ୍କର ଅର୍ଦ୍ଧାଙ୍ଗିନୀ ରମାମଣୀ। ଆଉ କହିଲେ, 'ଆହେ, କ'ଣ ହେଲା? କାହିଁକି ଏମିତି ବଡ ପାଟିରେ ଚିଲେଇ ହଉଛ?' ନିଜର ଭୂଲତା ଦୁଇଟାକୁ ସାମାନ୍ୟ ଉଞ୍ଚେଇଦେଇ ପାଟିରୁ ପଦୁଟିଏ ସୁଦ୍ଧା ବାହାର ନ କରି ଧନୁର୍ଧର ବାବୁ ନିରବରେ ବଢାଇ ଦେଲେ ଖବର କାଗଜଟି ଧର୍ମପତ୍ନୀଙ୍କ ଆଡେ। ତେଣେ ଚୁଲି ଉପରେ ଅଧାରନ୍ଧା ରଖି ଦେଇ ଆସିଥିବା ରୋଷେଇ କଥା ମନେ ପକାଉ ପକାଉ ରମାମଣୀ ଖବର କାଗଜର ବିଜ୍ଞାପନଟା ଉପରେ ଆଖିଟି ବୁଲେଇ ଦେଲେ ତରତରରେ। ମାତ୍ର ମୁହୂର୍ତ୍ତେ ଯାଇନି, ଦେଖ ରମାମଣୀଙ୍କ ବଗଳାମୂଖୀ ରୂପ। 'ହଁୟେ! ଏମିତି ଡବଡବ କରି କ'ଣ ଚାହିଁଚ ଶୁଣେ। ବିଜ୍ଞାପନରୁ ତୁମେ କ'ଣ ବୁଝିଲ ମୁଁ ଟିକେ ଶୁଣେ। ତଳକୁ ପରା ବଡ ବଡ ଅକ୍ଷରରେ ଲେଖା ଅଛି: ନବ ବିବାହିତଙ୍କ ପାଇଁ ପଇଁତିରିଶି ଭାଗ ରିହାତି। ତେମେ କଣ ନବ ବିବାହିତ ହେଇଛ ଯେ ଡିସ୍କାଉଣ୍ଟକୁ ଜଗିଛ? କୁନିର ଫ୍ରକ୍ ଚିରି ଗଲାଣି, ଧୁନାର ସ୍କୁଲ୍ ଫି' ଦିଆ ହେଇନି- ସେଥିରେ ତେମେ ସକାଳୁ ସକାଳୁ କରୁଚ କଣ' ନା ନିଜର କେଶ ଚାଷ ଚିନ୍ତା? ଯୋଉ ଟାଙ୍ଗରା ମୁଣ୍ଡ ଠିକଣା ସମୟରେ ଭଲ ନଡିଆ ତେଲ ଟୋପାଏ ପାଇ ପାରୁନି ତାର କାହିଁକି କେଶବିନ୍ୟାସ ଚିନ୍ତା ଶୁଣେ। ଏଥକୁ ଏତେ, ଗୋଡେ ନାହିଁ ମୁଦି କଚାଡୁ କେତେ? ମୁହଁଟାକୁ ଛିଆଡି

ଦେଇ ରମାମଣୀ ରୋଷେଇ ଘରକୁ ତମତମ ହୋଇ ଫେରିଗଲା ବେଳକୁ ଚୁଲିରେ ବସିଥିବା ତରକାରୀ ଛେନାପୋଡ ହୋଇଗଲାଣି। ଘରସାରା ଧୂଆଁରେ ଭର୍ତ୍ତି। ପଡିଶା ଘର ଲାଲୁ ସା'ନ୍ତ ଘର ମାଉସୀ ପାଟିକରି ଗ୍ୟାସ ବନ୍ଦ କର, କଣ ଗୋଟାଏ ଜଳି ଯାଉଛି ବୋଲି କହୁଥାନ୍ତି ବଡ ପାଟିରେ। ଦର ଆଉଜା ପଡାଘରୁ ଖୁଁ ଖୁଁ କାଶି କାଶି କୁନି ଆଉ ଧୁନା ଦଉଡି ଆସିଲେ। ହେଲେ ଡ୍ରଇଁରୁମରେ ଧନୁର୍ଧର ବାବୁ ନିର୍ବିକାର ଭାବେ ଖବର କାଗଜର ବିଜ୍ଞାପନଟିକୁ ଚାହିଁ ବସିଛନ୍ତି। ତେଣେ କାନ୍ଥ ଘଣ୍ଟାରେ ଟନ୍ ଟନ୍ କରି ଦଶଟା ବାଜିଲା।

ଘଣ୍ଟା ଶବ୍ଦ ଶୁଣି ଧନୁର୍ଧର ବାବୁଙ୍କର ହେଜ ଫେରିଲା କି ତାଙ୍କର ଆଜି ଅଫିସ ଅଛି। ଆଜି ପୁଣି ପହିଲା, ଦରମା ମିଳିବ। ସଉଦାବାଲା, କ୍ଷୀରବାଲା, କେବୁଲ ବାଲା, ଖବର କାଗଜ ବାଲା ସଞ୍ଜକୁ ଆସି ନିଜ ନିଜର ପଇସା ପାଇଁ ଧାଡି ଲଗାଇବେ। ଝାଡିଝୁଡି ହୋଇ ଉଠିପଡିଲେ ଧନୁର୍ଧର ବାବୁ। ତେବେ, ଯେତେ ସିଏ କହିଲେ ବି ମନ ବୁଝୁ ନଥାଏ, ଝଲସି ଉଠୁଥାଏ ସେଇ ବିଜ୍ଞାପନର ଧାଡିକ ଆହ୍ୱାନ: ମଉସା ଡାକରୁ ରକ୍ଷା ପାଆନ୍ତୁ। ପଡୋଶୀଙ୍କ ପରାମର୍ଶକୁ ମନେ ପକାଇ ଧନୁର୍ଧର ବାବୁ ଅଫିସ୍ ବାହାରିଲେ: କ୍ୱଚିତ୍ ଚନ୍ଦା ନିର୍ଦ୍ଧନଂ।

# ଡାଇବେଟିସ୍ ପାଇଁ ବରଦାନ, ଇନ୍‌ସୁଲିନ୍ ପଂପ

ଡାଇବେଟିସ୍ ବା ମଧୁମେହ ରୋଗ ଅନେକ ଯୁଗରୁ ମନୁଷ୍ୟକୁ ଅସୁବିଧାରେ ପକାଇ ଆସୁଥିଲା । ଏଥି ନିମନ୍ତେ ଔଷଧ ସ୍ୱରୂପ ଇନ୍‌ସୁଲିନ୍ ଯଦ୍ୟପି ଆଗରୁ ମିଳୁଥିଲା ତଥାପି ଏହାର ବ୍ୟବହାରିକ ଯୋଗ୍ୟତା ପରୀକ୍ଷଣର କ୍ଷେତ୍ର ବାହାରକୁ ଆସି ନଥିଲା । ଇନ୍‌ସୁଲିନ୍ ଇଂଜେକ୍ସନ୍ ଟିଏ ନେବା ପାଇଁ ରୋଗୀ ମାନଙ୍କୁ ଅଯଥା ହଇରାଣ ହରକତର ଶିକାର ହେବାକୁ ପଡୁଥିଲା । ଅଧୁନା ସମସ୍ୟାର ଜଟିଳତାକୁ ସହଜ କରିବାପାଇଁ ଆସିଛି ଇନ୍‌ସୁଲିନ୍ ପଂପ । ଦୁଇ ମୁଖ୍ୟ ପ୍ରକାରର ଡାଇବେଟିସ୍ ମଧ୍ୟରୁ ଟାଇପ୍-୧ ମଧୁମେହ ରୋଗୀଙ୍କ ସମସ୍ୟା ବହୁତ ଅଧିକ, ଏବଂ ଜଟିଳ । ଏହି ପ୍ରକାରର ରୋଗୀମାନଙ୍କ ଶରୀରରେ ଅଗ୍ନାଶୟ (ପାନ୍‌କ୍ରିଏଜ୍) କାମ କରିବା ବନ୍ଦ କରିଦିଏ । ଫଳରେ ଇନ୍‌ସୁଲିନ୍ କ୍ଷରଣ ହୁଏ ନାହିଁ । ଇନ୍‌ସୁଲିନ୍‌ର ଅଭାବ ଯୋଗୁଁ ଖାଦ୍ୟରେ ଥିବା ଶର୍କରା ବା ସୁଗାର୍ ସହଜରେ ମିଶି ପାରେନାହିଁ । ଯାହା ଦ୍ୱାରା ରକ୍ତ ଶର୍କରା ବଢିଯାଏ । ଏହି ପ୍ରକାର ପରିସ୍ଥିତିରେ ରୋଗୀକୁ ଇନ୍‌ସୁଲିନ୍ ଇଂଜେକ୍ସନ ନେବା ସହିତ ନିୟମିତ ବ୍ୟାୟାମ, ଓ ଖାଦ୍ୟରେ ସଂଯମତା ରକ୍ଷା କରିବାକୁ ପଡେ ।

ଏହି ସମସ୍ତ ଅସୁବିଧାକୁ ଦୂର କରିବା ପାଇଁ ଆସିଛି ଇନ୍‌ସୁଲିନ୍ ପଂପ । ମୋବାଇଲ୍ ଫୋନ୍ ଆକାରର ଏକ ଛୋଟିଆ ପଂପରେ ଏକ ପାଉଚ୍ ବା ପ୍ୟାକେଟ୍‌ରେ ଇନ୍‌ସୁଲିନ୍ ଭରି ଦିଆଯାଏ । ଯାହା ଏକ ସରୁ ପତଳା ନଳୀ (ପାଇପ୍) ଦ୍ୱାରା ପେଟର ଚମଡା ତଳକୁ ଯୋଡି ଦିଆଯାଏ । ଏଥିରେ ଦିଆଯାଇଥିବା ଇନ୍‌ସୁଲିନ୍ ଧିରେ ଧିରେ ଶରୀର ମଧ୍ୟକୁ ପ୍ରବେଶ କରେ ଏବଂ ଶରୀର ଆବଶ୍ୟକ କରୁଥିବା ଇନ୍‌ସୁଲିନ୍‌କୁ ଯୋଗାଇଥାଏ । ଏହି ଯନ୍ତ୍ର ଚବିଶି ଘଣ୍ଟା ଅନବରତ କାମ କରେ ଏବଂ ଏହାଦ୍ୱାରା ରୋଗୀର ଦେହରେ ଥିବା ଇନ୍‌ସୁଲିନ୍‌ର ଅଭାବକୁ ଦୂର କରାଯାଇପାରେ । ଏହି ଯନ୍ତ୍ର ଏକ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ, ଏବଂ ଏହା ସାଧାରଣ ଅଗ୍ନାଶୟପରି କାର୍ଯ୍ୟକରିଥାଏ ବୋଲି ମାନବ ବିଜ୍ଞାନୀ ମାନେ ମତ ଦିଅନ୍ତି । ଏହି ଯନ୍ତ୍ର ସଂପ୍ରତି ବିଶ୍ୱର ଅନେକ ଦେଶରେ ଖୁବ୍ ଲୋକପ୍ରିୟତା ପାଇଛି, ଏବଂ ଭାରତରେ ମଧ୍ୟ ଟାଇପ୍-୧ ଓ ଟାଇପ୍-୨ ମଧୁମେହ ରୋଗୀମାନେ ଏହାକୁ ଗ୍ରହଣ କଲେଣି । ଏହା ଦ୍ୱାରା ରୋଗୀକୁ ବାରମ୍ବାର ଡାକ୍ତରଖାନା ଯିବାକୁ ହୁଏନି, ଏବଂ ଇଂଜେକ୍ସନ ନେବାକୁ ହୁଏନି । ଯେଉଁଥି ପାଇଁ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି । ରକ୍ତ ଶର୍କରାର ନିୟମିତ ପରୀକ୍ଷଣ ଦ୍ୱାରା ଯେଉଁ ରୋଗୀମାନେ ଏହି ପଂପ ବ୍ୟବହାର କରନ୍ତି ସେମାନେ ଅବ୍ୟବହାରକାରୀଙ୍କ ତୁଳନାରେ ସାମାନ୍ୟତଃ ସୁସ୍ଥ ରହିବା ଦେଖାଯାଇଛି ।

ଇନ୍‌ସୁଲିନ୍ ପଂପ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଦ୍ୟପି ବହୁତ ନୁହେଁ, ଏହାର ମୁଖ୍ୟ କାରଣ ହେଉଛି, ଏହି ଯନ୍ତ୍ରର ଦାମ । ଦୁଇ ପ୍ରକାର ମଡେଲ୍‌ରେ ଆସୁଥିବା ଏହି ଯନ୍ତ୍ରର ଦାମ ଯଥାକ୍ରମେ ୮୫,୦୦୦ ଏବଂ ୧୫୦,୦୦୦ ରହିଛି । ଏତଦ୍‌ବ୍ୟତୀତ ଏହି ଯନ୍ତ୍ରର ରକ୍ଷଣା ବେକ୍ଷଣ ତଥା ବ୍ୟବହାର କାଳରେ କରାଯାଉଥିବା ବିଭିନ୍ନ ହରମୋନ୍ ଆଦି ପରୀକ୍ଷା ପାଇଁ ସପ୍ତାହକୁ ଆନୁମାନିକ ଚାରି ହଜାର ଟଙ୍କା ଖର୍ଚ୍ଚ ହୁଏ ।

ଏହି ପଂପ୍ ବ୍ୟବହାର କରୁଥିବା ଅନେକ ରୋଗୀ ସ୍ୱାସ୍ଥ୍ୟ ଉନ୍ନତି ପରିଲକ୍ଷିତ ହେଉଥିବା ବେଳେ ଅନେକ ରୋଗୀ ଅଜ୍ଞତା ଯୋଗୁଁ ସଂକ୍ରମଣର ଶୀକାର ବି ହେଉଛନ୍ତି । ପେଟର ଯେଉଁ ସ୍ଥାନରେ ନଳୀ ଦିଆଯାଇ ଇନ୍‌ସୁଲିନ୍ ଦିଆଯାଉଛି, ସେହି ସ୍ଥାନରେ ସଂକ୍ରମଣ ହେବାର ସଂଭାବନା ଯଥେଷ୍ଟ ଅଧିକ ଥାଏ । ତଥାପି ଆଗାମୀ ଦିନମାନଙ୍କରେ ଏହି ଯନ୍ତ୍ରର ମୂଲ୍ୟ ହ୍ରାସ ହେବାର ଯଥେଷ୍ଟ ସମ୍ଭାବନା ଥିବା ହେତୁରୁ, ମଧୁମେହ ରୋଗର ଚିକିତ୍ସା ପାଇଁ ଇନ୍‌ସୁଲିନ୍ ପଂପ୍ ବ୍ୟବହାର ଆହୁରି ବଢିବ ବୋଲି ଅନୁମାନ କରାଯାଉଛି ।

# ଦୋଟାଗୁଣୀ

ନିବେଦିତା ଜେନା

ତା' ନାଁ ଥିଲା ଅହଲ୍ୟା । ଅବଶ୍ୟ ବାହାଘର
ଆଗରୁ ସେ ଥିଲା ଜାନକୀ । ତା' ବୋଉ ସବୁବେଳେ ତାକୁ
ଜାନକୀର ଅର୍ଥ ବୁଝେଇ ଦେଇ ସେହିପରି ନିଜକୁ
ଗଢିବାପାଇଁ କହୁଥିଲା । ସେ ବି ବୋଉର ଆଜ୍ଞାକୁ ଗୁରୁଆଜ୍ଞା
ମନେ କରି ନିଜକୁ ଜାନକୀ ରୂପେ ପ୍ରସ୍ତୁତ କରୁଥିଲା ।

ଯେତେ ପ୍ରେମନିବେଦନ ଆସୁଥିଲା, ସେ ତାକୁ ପ୍ରତ୍ୟାଖ୍ୟାନ କରୁଥିଲା । ଏମିତି ଇନ୍ଦ୍ରଜିତ୍ କୁ ବି । ଯଦିଓ ଇନ୍ଦ୍ରଜିତ୍ ସହିତ ଥିଲା ବେଳେ ତା ମନ ହାଲୁକା ଲାଗୁଥିଲା, ପାଠସବୁ ଅକ୍ଳେଶରେ ମନେ ରହୁଥିଲା, ପୁଣି ଦିନେ ଦେଖା ନହେଲେ ସବୁକିଛି ଖାଲି ଖାଲି ଲାଗୁଥିଲା । ତେଣୁ ତା'ମନ ଭାଙ୍ଗି ଦେଲା ବେଳେ ଖୁବ୍ କଷ୍ଟ ଲାଗିଥିଲା । ତଥାପି ଜାନକୀ ହେବାର ଚେଷ୍ଟାରେ ସେ ନିଜ ନାମର ଲକ୍ଷ୍ମଣରେଖାରେ ସବୁ ସମ୍ଭାବନାମୟ ସମ୍ବେଦନାକୁ ବନ୍ଦୀ ରଖିଥିଲା । ସେ ନିଜକୁ ଚେଷ୍ଟାକରି ବୁଝେଇ ଦେଲା ଯେ ଜାନକୀ ଶୟନେ, ସ୍ୱପନେ ଓ ଜାଗରଣେ କେବଳ ରାମଙ୍କର । ତା'ପାଇଁ ବାପା ମା ଠିକ୍ କରିଥିବା ଲୋକଟି ହିଁ ହେବ ରାମ ।

ତା' ବାହାଘର ରୀତି ମୁତାବକ ହେଲା । ଓ ବିଧି ମୁତାବକ କେହି ବି ତାକୁ ଥରଟିଏ ମଧ୍ୟ ପଚାରି ନଥିଲେ ଯେ, ତା' ପାଇଁ ଠିକ୍ କରାଯାଇ ଥିବା ବରଟି ତା' ମନ ମୁତାବକ ହୋଇଚି କି ନାହିଁ । ସେ ନିଜକୁ ବୁଝେଇ ଦେଇଥିଲା ଓ ରାମ ସହ ବାହାହୋଇ ତା'ଘରକୁ ଆସିଲା ।

ଅବଶ୍ୟ ସ୍ୱାମୀଟିର ନାଁ ସତକୁ ସତ ରାମ ନଥିଲା । ସେ ଥିଲା ଅର୍ଜୁନ । ଦେଖିବାକୁ ସେ ସେମିତି ଖରାପ ନଥିଲା । ଭଲ ଚାକିରୀ କରିଥିଲା । ସମାଜରେ ଜଣେ ହୋଇ ଚଳୁଥିଲା । ତେଣୁ ସେମିତି ଦେଖିଲା କିଛି ଅସୁବିଧା ନଥିଲା । ତଥାପି କାହିଁକି କେଜାଣି ଜାନକୀକୁ କିଛି ଭଲ ଲାଗୁନଥିଲା । ଚତୁର୍ଥୀ ଦିନହିଁ ତା' ନାଁ ବଦଳାଇ ଦିଆଗଲା । ପିଉସୀ ଶାଶୁଙ୍କ ନାଁ ଥିଲା ଜହ୍ନି । ଜହ୍ନି ଜାନକୀର ପାଖାପାଖି । ତେଣୁ ତା' ନାଁ ରଖାଗଲା ଅହଲ୍ୟା । ଏଥର ବି କେହି ପଚାରି ନଥିଲେ ନାଁ ତା'ର ପସନ୍ଦ ହେଲା କି ନାହିଁ । କେହି ଜାଣିବାକୁ ଚେଷ୍ଟା କଲେନି ଏତେଦିନ ଜାନକୀ ହେବାର ଚେଷ୍ଟାରେ ସେ କଣ ହରେଇଥିଲା ଆଉ କଣ ପାଇଥିଲା ।

ଅହଲ୍ୟା ବୁଝିପାରୁ ନଥିଲା, ସେ ରାମ ରାମ ଜପିବ କି ତପସ୍ୱୀ ଗୌତମଙ୍କ ସେବା କରିବ, କି ଅର୍ଜୁନଙ୍କୁ ପ୍ରେମ କରିବ । ତାକୁ ସବୁ ଅବୁଝା ଅବୁଝା ଲାଗୁଥିଲା । ସବୁଦିନ ରାତିରେ ସେ ଫୁଲହୋଇ ଫୁଟିବାକୁ ଚାହୁଁଥିବା ବେଳେ ତା' ସ୍ୱାମୀ ସେ ଫୁଲପ୍ରତି ସାମାନ୍ୟ ଆଗ୍ରହ ଦେଖାଉ ନଥିଲେ । ସ୍ୱାମୀର ସବୁ ଇଚ୍ଛାକୁ ମଥାପାତି ସହି ନେଉଥିବା ସତୀ ନାରୀ ଭଳି ସେ ବି ନିଜ ହାତରେ ନିଜ ମାଂସ ରାନ୍ଧି ପରଷିବାକୁ ଆଗଭର ହେଲା । ଏତେ ସବୁ ପରେ ବି ସେ ବୁଝିପାରିଲାନି, ତା' ସ୍ୱାମୀ କାହିଁକି ତା' ରାନ୍ଧିବା-ପରଷିବାକୁ ଅପେକ୍ଷା ନକରି କଞ୍ଚାମାଂସ ଗୁଡାକୁ ପଶୁଭଳି ଗାଉଁ ଗାଉଁ ହୋଇ ଖାଉଥିଲା । ତା'ଚାରିପାଖରେ ତ ଲକ୍ଷ୍ମଣରେଖା ଥିଲା । ସେ ସବୁକିଛି ସହୁଥିଲା । ନିଜକୁ ବୁଝଉଥିଲା । ଚୁପ୍ ରହୁଥିଲା । ଭାଙ୍ଗିଯାଇ ନିଜକୁ ଗୋଟେଇ ସଜେଇ ନେଉଥିଲା ଓ ପରମୂହୁର୍ତ୍ତରେ ପୁଣି ଭଙ୍ଗା ହେବାକୁ ଅପେକ୍ଷା କରୁଥିଲା । ବାହାରକୁ ସବୁ ଠିକ୍‌ଠାକ୍ ଚାଲିଥିଲା । ଅନ୍ତତଃ ଅନ୍ୟମାନେ ସେଇୟା ଭାବୁଥିଲେ । କିନ୍ତୁ ସେତିକି ବେଳେ ଅଚାନକ ଇନ୍ଦ୍ରଜିତ୍ ସହ ଭେଟ ହୋଇଗଲା । ସବୁ ଓଲଟପାଲଟ ହୋଇଗଲା । ଇନ୍ଦ୍ରଜିତ୍ କହିଥିଲା, 'ତୁମେ ଜାନକୀ ଥିଲା ବେଳେ ଫୁଲ ପରି ବାସୁଥିଲ । ଏବେ ଏମିତି ପଚାମାଂସ ପରି ଗନ୍ଧ ହେଉଛ ଯେ?' ଅହଲ୍ୟା ତାକୁ ଅବା କି ଉତ୍ତର ଦେଇ ପାରିଥାନ୍ତା । ଇନ୍ଦ୍ରଜିତ୍‌କୁ ଭେଟିବା ପରେ କିନ୍ତୁ ଅହଲ୍ୟା ଅନୁଭବ କରୁଥିଲା କେମିତି ଗୋଟେ ଆଶ୍ଚର୍ଯ୍ୟ ହାଲୁକାପଣ । ତା'ର ମନେ ହେଉଥିଲା, ସେ ଏବେ ଜୀବନର ସବୁ ପାଠ

ଅକ୍ଳେଶରେ ମନେ ରଖିପାରିବ । ନୀଳ ଆକାଶର ଛେନାଛିଣ୍ଡା ମେଘ ଓ ନାଲି ପଳାଶର ରଙ୍ଗଠାରୁ ଆରମ୍ଭକରି ତା'ର ଭଙ୍ଗାଯୋଡା ଦେହ, ଅଧାପୋଡା ମନ; ସବୁ, ସବୁ ତାକୁ ଭଲ ଲାଗୁଥିଲା । ମନ ହେଉଥିଲା, ସମୟଟା ଅଟକି ଯାଆନ୍ତାକି ଏଇଠି ! ଠିକ୍ ସେତିକିବେଳେ ଇନ୍ଦ୍ରଜିତ୍ ତାକୁ ଟିକେ ଛୁଇଁଦେଲା ଯେ ସେ ଫୁଲ ହୋଇ ଫୁଟିଗଲା । ସତୀ ନାରୀର ନୀତି ଆଉ ପୁରାଣ ଦର୍ଶନ କିଛିବି ନିଜକୁ ଆଉ ବୁଝାଇବାକୁ ସୁଯୋଗ ଦେଲାନି । ସବୁକିଛି ହୋଇଗଲା ଆପେ ଆପେ, କିଛି ନିମିଷକ ମଧ୍ୟରେ । କିଛି ବୋଲି କିଛି ବୁଝା ପଡିଲାନି । ସେ ମହ ମହ ହୋଇ ବାସିଗଲା ଧରାରୁ ତରା ଯାଏଁ ।

ଏଣେ ସାରା ସହରରେ ହୁରି ପଡିଗଲା- ଦେଖ ଯୁଗ କେଡେ ଖରାପ ହୋଇଗଲା ! ପୁଣି ଗୋଟାଏ ନାରୀ ଦୋଚାରୁଣୀ ପାଲଟିଗଲା ।

ଡି/୭୧୧, ସେକ୍ଟର-୮, ରାଉରକେଲା-୯

# ଦୁର୍ବୁଦ୍ଧି

ମୂଳ ବଙ୍ଗଳା ରଚନାଃ ରବୀନ୍ଦ୍ରନାଥ ଠାକୁର
ଅନୁବାଦଃ ବୀଣାପାଣି ମହାପାତ୍ର

ଭିଟାମାଟି ଛାଡିବାକୁ ପଡିଥିଲା । କଣ ପାଇଁ ତା ମୁଁ ମୁହଁଖୋଲି କରି କହିବିନି, ଆଭାସ କେବଳ ଦେବି ସିନା ।

ମୁଁ ପଡାଗାଁର ଗାଁ ଡାକ୍ତର । ପୁଲିସ ଥାନା ସାମନାରେ ମୋ ଘର । ଯମରାଜଙ୍କ ପ୍ରତି ମୋର ଯେତିକି ଆନୁଗତ୍ୟ ଥିଲା, ଦାରୋଗାବାବୁଙ୍କ ପ୍ରତି ତା ଅପେକ୍ଷା କିଛି କମ ନଥିଲା, ତେଣୁ ନର ଓ ନାରାୟଣଙ୍କ ଦ୍ୱାରା ଯେତେ ଭିନ୍ନ ଭିନ୍ନ ପ୍ରକାରର ପୀଡା ମଣିଷକୁ ଦିଆଯାଇ ପାରେ, ତା'ମୋତେ ବେଶ୍ ଭଲ ଭାବରେ ଜଣାଥିଲା । ଯେମିତି ହାତ-ବଳା ଦ୍ୱାରା ମଣିବନ୍ଧର ଓ ମଣିବନ୍ଧ ଦ୍ୱାରା ହାତ-ବଳାର ଶୋଭା ବର୍ଦ୍ଧନ ହୋଇଥାଏ, ସେମିତି ମୋ ଛତ୍ରଛାୟା ତଳେ ଦାରୋଗାର ଆଉ ଦାରୋଗାର ଛତ୍ରଛାୟା ତଳେ ମୋର ଉତ୍ତରୋତ୍ତର ଆର୍ଥିକ ଶ୍ରୀ ବୃଦ୍ଧି ଘଟି ଚାଲିଥାଏ ।

ଏହି ସବୁ ଘନିଷ୍ଠ କାରଣରୁ ସେ କରିତ୍କର୍ମା ଦାରୋଗା ଲଳିତ ଚକ୍ରବର୍ତ୍ତୀଙ୍କ ସହ ମୋର ବିଶେଷ ବନ୍ଧୁତା ଥିଲା । କିନ୍ତୁ ତାଙ୍କର ଜଣେ ନିରାଶ୍ରୟା ସଂପର୍କୀୟା ସହିତ ମୋର ବିବାହ ନେଇ ମଝିରେ ମଝିରେ ତାଙ୍କର ଅନୁରୋଧ ମୋତେ ଅତ୍ୟନ୍ତ ଅସହାୟ କରି ଦେଉଥିଲା । ଶଶି ମୋର ଏକମାତ୍ର କନ୍ୟା, ମାତୃହୀନା । ତାକୁ ବିମାତା ହାତରେ ଟେକି ଦେଇ ପାରିଲିନି । ବର୍ଷ ବର୍ଷ ଧରି ନୂଆପାଞ୍ଜିରେ ବିବାହର କେତେ ଶୁଭ ଲଗ୍ନ ବ୍ୟର୍ଥ ହେଲା । ମୋ ଆଖି ଆଗରେ କେତେ ଯୋଗ୍ୟ ଓ ଅଯୋଗ୍ୟ ପାତ୍ର ବେଦୀରେ ବସିଲେ, ମୁଁ କେବଳ ବରଯାତ୍ରୀ ଦଳରେ ଯାଇ ବାହାଘର ଭୋଜିରେ ମିଠାଖାଇ ଦୀର୍ଘ ନିଃଶ୍ୱାସ ପକାଇ ଘରକୁ ଫେରି ଆସୁଥିଲି ।

ଶଶିର ବୟସ ବାଆର ପୂରି ତେର ଚାଲିଲା । କିନ୍ତୁ ମୋ ମନରେ ଧାରଣାଟିଏ ଆସି ଯାଇଥିଲା ଯେ ସୁବିଧାମତେ ଗୁଡାଏ ଟଙ୍କା ଯୋଗାଡ କରିପାରିଲେ ଯାଇ, ଝିଅଟିକୁ ମୋର, ଜଣେ ବିଶିଷ୍ଟ ଧନୀ ପରିବାରରେ ବିବାହ ଦେଇ ପାରିବି । ଏମିତି ଏକ ଆଶା ମନରେ ବସା ବାନ୍ଧିଥାଏ । ଏଇ କାମଟି ଶେଷ କରିପାରିଲେ, ଅବିଳମ୍ବେ ଆଉ ଗୋଟିଏ ଶୁଭକର୍ମର ଆୟୋଜନରେ ମନୋନିବେଶ କରିପାରିବି ।

ସେଇ ଅତ୍ୟାବଶ୍ୟକ ଅର୍ଥ କଥା ସବୁବେଳେ ଭାବୁଥାଏ । ଏଇ ସମୟରେ ଅକସ୍ମାତ ଦିନେ ତୁଳସୀପଡାର ହରିନାଥ ମଜୁମ୍ଦାର ଆସି ମୋ ପାଦ ଧରି କାନ୍ଦିବାକୁ ଲାଗିଲେ । କଥାଟା ହେଲା, ତା ବିଧବା କନ୍ୟା ରାତିରେ ହଠାତ୍ ମାରା ପଡିଥାଏ, ଆଉ ତା ଶତ୍ରୁପକ୍ଷ ଗର୍ଭପାତର ଅପବାଦ ଦେଇ ବେନାମୀ ଚିଠି ଲେଖନ୍ତି ଦାରୋଗା ପାଖକୁ । ଏଣୁ ପୁଲିସ ତା ଝିଅର ଶବକୁ ନେଇ ତାକୁ ଟଣାଓଟରା କରିବାକୁ ଅଣ୍ଟା ଭିଡୁଥାଏ ।

ସଦ୍ୟ କନ୍ୟାଶୋକ ଉପରେ ପୁଣି ଏଇ ଘୋର ଅପମାନର ଆଘାତ ତାକୁ ଅସହ୍ୟ ବୋଧ ହେଉଥାଏ । ମୁଁ ଡାକ୍ତର ପୁଣି ଦାରୋଗାର ବନ୍ଧୁ ତେଣୁ ଯେ କୌଣସି ପ୍ରକାରେ ତାକୁ ରକ୍ଷା କରିପାରିବି ।

ଲକ୍ଷ୍ମୀ ଯେତେବେଳେ ଇଚ୍ଛା କରନ୍ତି, ଏମିତି କେତେବେଳେ ସଦର ତ କେତେବେଳେ ଖିଡିକି-ଦରଜା ଦେଇ, ଅନାହୂତ ଭାବେ ଆସି ଉପସ୍ଥିତ ହୋଇଯାଆନ୍ତି । ମୁଁ ମୁଣ୍ଡ ହଲାଇ କହିଲି, 'କଥାଟା ଭାରି ଗୁରୁତର ।' ଗୋଟାଏ ଦୁଇଟା ମନଗଢା ଉଦାହରଣ ପ୍ରୟୋଗ କଲି, ଯଦ୍ୱାରା ବୃଦ୍ଧ ହରିନାଥ ଭୟରେ କଂପି ଉଠି ପିଲା ଭଳି କାନ୍ଦିବାକୁ ଲାଗିଲା ।

ବିସ୍ତାରିତ କରି କହିବା ବାହୁଲ୍ୟ ଯେ, କନ୍ୟାର ଶବ ସତ୍କାର ସରିଲା ବେଳକୁ ହରିନାଥ ଫକୀର ହୋଇଗଲା ।

ମୋ ଝିଅ ଶଶି ଆସି କରୁଣ କଣ୍ଠରେ ପଚାରିଥିଲା, 'ବାବା, ଏଇ ବୁଢା ତୁମ ଗୋଡ ଧରି ଏମିତି କାହିଁକି କାନ୍ଦୁଥିଲା ?'

ମୁଁ ତାକୁ ଧମକ ଦେଇ କହିଥିଲି, 'ଯା-ଯା ଏଠୁ । ତୋତେ ଏତେ ଖବର କଣ ଦରକାର ?'

ସତ୍ପାତ୍ରରେ କନ୍ୟାଦାନର ପଥ ସୁଗମ ହୋଇଗଲା । ବିବାହର ଦିନ ମଧ୍ୟ ସ୍ଥିର ହୋଇଗଲା । ଏକମାତ୍ର କନ୍ୟାର ବାହାଘର, ଭୋଜି ଭାତର ବିରାଟ ଆୟୋଜନରେ ଲାଗିଲି । ଘରେ ସ୍ତ୍ରୀ ନାହିଁ, ପଡୋଶୀମାନେ ଦୟାକରି ମୋତେ ସାହାଯ୍ୟ କରିବାକୁ ଆସିଲେ । ସର୍ବସ୍ୱାନ୍ତ କୃତଜ୍ଞ ହରିନାଥ ଦିନରାତି ଖଟି ଚାଲିଲା ।

ମଙ୍ଗଳ ଦିନ ରାତି ତିନଟା ବେଳକୁ ଶଶିର ହଠାତ୍

ଝାଡାବାନ୍ତି ଆରମ୍ଭ ହୋଇଗଲା । ରୋଗ ବେଳକୁ ବେଳ ବଢ଼ିବାକୁ ଲାଗିଲା । ଅନେକ ଚେଷ୍ଟାପରେ ନିଷ୍ଫଳ ଔଷଧ ବୋତଲ ଗୁଡାକୁ ଭୂଇଁରେ କଚାଡି ଦେଇ ହରିନାଥର ପାଦ ଦୁଇଟାକୁ ଜାବୁଡି ଧରିଲି ଏବଂ କହିଲି, 'ମାଫ୍ କର ଭାଇ, ଏଇ ପାଷାଣ୍ଡକୁ ମାଫ୍ କରି ଦିଅ । ମୋର ଆଉ କେହି ନାହିଁ, କେବଳ ଏଇ ଏକମାତ୍ର କନ୍ୟା ।'

ହରିନାଥ ବ୍ୟସ୍ତ ଆଉ ବିବ୍ରତ ହୋଇ କହିଲା, 'ଡାକ୍ତର ବାବୁ ଆପଣ ଇଏ କଣ କରୁଚନ୍ତି ? ମୁଁ ତ ଆପଣଙ୍କ ପାଖରେ ଚୀରଋଣୀ । ମୋ ପାଦରେ ହାତ ଦେଇ ମୋତେ ଅଧିକ ପାପର ଭାଗୀ କରନ୍ତୁ ନାହିଁ ।'

ମୁଁ କହିଲି, 'ଅଜାଣତରେ ମୁଁ ତୁମର ସର୍ବନାଶ କରିଛି । ସେଇ ପାପର ଫଳ ସ୍ୱରୂପ ମୋ କନ୍ୟା ଆଜି ମୃତ୍ୟୁ ମୁଖରେ ।'

ଏହା କହି ସର୍ବ ସମ୍ମୁଖରେ ଚିତ୍କାର କରି କହିଲି, 'ହେଇ ସମସ୍ତେ ଶୁଣ, ମୁଁ ଏଇ ବୁଢ଼ାର ସର୍ବନାଶ କରିଛି, ତା'ର ଦଣ୍ଡ ମୁଁ ଭୋଗିବି କିନ୍ତୁ ମୋ ଝିଅ ନୁହେଁ । ହେ ଭଗବାନ, ମୋ ଶଶିକୁ ରକ୍ଷା କର ।'

ଏଇୟା କହି ହରିନାଥର ପାଦରୁ ଚପଲ ବାହାର କରିନେଇ ନିଜ ମୁଣ୍ଡରେ ପଟାସ୍ ପଟାସ୍ କରି ପିଟି ହେବାକୁ ଲାଗିଲି; ବୁଢ଼ା ବ୍ୟସ୍ତ ଓ ତଟସ୍ଥ ହୋଇ ମୋ ହାତରୁ ଚପଲ ଛଡେଇ ନେଲା ।

ପରଦିନ ଦଶଟା ବେଳେ ହଳଦୀ ଗୁରୁ ଦେହରେ ହରିଦ୍ରା ଚିହ୍ନ ନେଇ ଶଶି ଇହଧାମରୁ ଚିର-ବିଦାୟ ନେଲା ।

ତା'ର ପରଦିନ ହିଁ ଦରୋଗାବାବୁ କହିଲେ, 'ହେଇ, ଆଉ ଡେରି କାହିଁକି, ଏଇଥର ବାହା ହୋଇପଡ । ଦେଖାଶୁଣା କରିବାକୁ ତ ଘରେ କିଏ ଜଣେ ଦରକାର ।'

ମଣିଷର ମର୍ମାନ୍ତିକ ଦୁଃଖଶୋକ ପ୍ରତି ଏପ୍ରକାର ନିଷ୍ଠୁର ଅଶ୍ରଦ୍ଧା ସୈତାନକୁ ବି ଶୋଭା ପାଏନି; କିନ୍ତୁ ପୂର୍ବରୁ ନାନା ଘଟଣାରେ ଦରୋଗା ପାଖରେ ମୁଁ ଏମିତି ମାନବିକତାର ପରିଚୟ ଦେଇଥିଲି ଯେ, ଆଉ କିଛି କହିବାର ମୁହଁ ନଥିଲା । ଦରୋଗାର ବନ୍ଧୁତା ସେ ଦିନ ଯେମିତି ମୋତେ ଚାବୁକ୍ ମାରି ଅପମାନିତ କରିଥିଲା ।

ହୃଦୟ ଯେତେ ବି ବ୍ୟଥିତ ଥାଉ, କର୍ମଚକ୍ର ସେମିତି ତା ବାଟରେ ଚାଲିଥାଏ । ଆଗ ପରି କ୍ଷୁଧା ଲାଗି ଆହାର, ପରିଧାନ ପାଇଁ ବସ୍ତ୍ର, ଏମିତିକି ଚୁଲି ଲାଗି କାଠ ଠାରୁ ଜୋତା ପାଇଁ ଫିତା ପର୍ଯ୍ୟନ୍ତ ସବୁ ପୂରା ଦମ୍‌ରେ ନିୟମିତ ସଂଗ୍ରହ କରିବାକୁ ପଡିଥାଏ ।

କାର୍ଯ୍ୟର ଅବକାଶରେ ଯେତେବେଳେ ଘରେ ଏକା ଆସି ବସେ ସେତେବେଳେ ମଝିରେ ମଝିରେ ସେଇ କରୁଣ କଣ୍ଠର ପ୍ରଶ୍ନ କାନରେ ବାଜେ, 'ବାବା, ଏଇ ବୁଡା ତୁମ ଗୋଡ ଧରି ଏମିତି କାହିଁକି କାନ୍ଦୁଥିଲା ?' ଦରିଦ୍ର ହରିନାଥର ଜୀର୍ଣ୍ଣ ଘର ନିଜର ଖର୍ଚ୍ଚରେ ଛପର କରିଦେଲି । ମୋର ଦୁଗ୍ଧବତୀ ଗାଈଟିକୁ ତାକୁ ଦାନ କରିଦେଲି, ତା'ର ମହାଜନ ପାଖରେ ବନ୍ଧା ପଡିଥିବା ଜମିତକ ମୁକୁଳାଇ ଦେଲି ।

କିଛି ଦିନ ସଦ୍ୟ ଶୋକର ଦୁଃସହ ବେଦନାରେ ଜର୍ଜରିତ ହୋଇ ନିର୍ଜନ ସଂଧ୍ୟା ଆଉ ବିନିଦ୍ର ରାତିରେ ଏକୁଟିଆ ଥିବା ବେଳେ କେବଳ ଗୋଟିଏ କଥା ମନକୁ ଆସୁଥିଲା; ମୋର କୋମଳ ହୃଦୟା ଝିଅଟି ସଂସାର ଲୀଳା ଶେଷ କରି ବି ତା ବାପର ନିଷ୍ଠୁର ଦୁଷ୍କର୍ମ ହେତୁ ପରଲୋକରେ ଟିକିଏ ଶାନ୍ତି ପାଇପାରୁନି । ସେ ଯେମିତି ବ୍ୟଥିତ ହୋଇ ମୋତେ ପଚାରି ଚାଲିଛି, 'ବାବା, ତୁମେ ଏମିତି କାହିଁକି କଲ?'

କିଛିଦିନ ଏମିତି ଚାଲିଲା । ଗରିବମାନଙ୍କ ଚିକିତ୍ସା କରି ତାଙ୍କ ପାଖରୁ ପଇସା ତାଗିଦ କରି ପାରିଲିନି । କୌଣସି ଛୋଟ ଝିଅର ବାନ୍ତି ହେଲେ ତା ମୁହଁରେ ମୋ ଶଶିକୁ ଦେଖିଲି ।

ସେତେବେଳେ ପୂରା ଗାଁଟା ବର୍ଷାପାଣିରେ ଭାସୁଥାଏ । ଧାନକ୍ଷେତ ଏବଂ ଘରର ଅଗଣା ପାର୍ଶ୍ୱଦେଇ ଯିବାକୁ ହେଲେ ନାଆରେ ଯିବାକୁ ହେଉଥିଲା । ଭୋର ରାତିରୁ ଯେ ବର୍ଷା ଆରମ୍ଭ ହୋଇଥାଏ, ଛାଡିବାର ନାଁ ନେଉ ନଥାଏ ।

ଜମିଦାର କଚେରୀ ଘରୁ ମୋତେ ଡାକରା ପଡିଲା । ବାବୁଙ୍କ ନୌକାର ମାଝି ଟିକିଏ ବି ବିଳମ୍ବ ସହ୍ୟ କରି ନପାରି, ଉଦ୍ଧତ ହୋଇ ଉଠିବାର ଉପକ୍ରମ କରୁଥାଏ ।

ୟା ପୂର୍ବରୁ ଏମିତି ସମୟରେ ମୋତେ ଯେତେବେଳେ ବାହାରକୁ ଯିବାକୁ ପଡୁଥିଲା, ସେତିକି ବେଳେ ଜଣେ ଥିଲା, ଯିଏକି ମୋ ପୁରୁଣା ଛତାଟି ଖୋଲି ଦେଖୁଥିଲା, ତା ଦେହରେ କେଉଁଠି ଛିଦ୍ରଟିଏ ଅଛିକି କି ନାହିଁ ଏବଂ ଗୋଟିଏ ବ୍ୟଗ୍ର କଣ୍ଠ ମୋତେ ବର୍ଷା ଦିନର ହାୱା ଓ ପାଣି ଛିଟାରୁ ଆତ୍ମରକ୍ଷା କରିବା ପାଇଁ ବାରମ୍ବାର ସତର୍କ କରି ଦେଉଥିଲା । ଆଜି ଶୂନ୍ୟ ନିରବ

ଗୃହରୁ ନିଜର ଛତା ନିଜେ ଖୋଜି ବାହାରିଲା ବେଳେ ତା'ର ସ୍ନେହମୟୀ ମୁହଁଟା ମନେ ପଡିଯାଇ ଟିକେ ବିଳମ୍ବ ହେଲା। ତା'ର ରୂଦ୍ଧ ଶୟନ ଘରଟାକୁ ଦେଖି ଭାବୁଥିଲି, ଯେଉଁ ଲୋକ ଅପରର ଦୁଃଖକୁ ବେଖାତିର କରେ, ତା'ସୁଖପାଇଁ ଭଗବାନ ଏତେ ସ୍ନେହ ବନ୍ଧନର ଆୟୋଜନ କାହିଁକି କରିଥାନ୍ତି? ଏଇ ସବୁ ଭାବି ଭାବି ତା' କୋଠରୀ ପାଖରେ ପହଞ୍ଚିଲା କ୍ଷଣି ଛାତି ଭିତରଟା ହା ହାକାର ହୋଇ ଉଠିଲା। କିନ୍ତୁ, ବାହାରେ ଚାକରର ପାଟି ଶୁଣି ଶୋକ ସମ୍ବରଣ କରି ବାହାରକୁ ବାହାରି ଆସିଲି।

ନୌକାରେ ଉଠିବା ସମୟରେ ଦେଖିଲି, ଥାନା ଘାଟରେ ଡଙ୍ଗିଟିଏ ବନ୍ଧା ହେଇଛି, ଚଷାଟିଏ କୌପିନି ଖଣ୍ଡେ ମାରି ବର୍ଷାରେ ଠିଆ ହୋଇ ତିନ୍ତୁଥାଏ। ମୁଁ ପଚାରିଲି, 'କିରେ। କଣ ହେଲା?' ଉତ୍ତରରେ ଶୁଣିଲି ଯେ ଗତ ରାତିରେ ତା ଝିଅକୁ ସାପ କାମୁଡିଥିଲା, ଆଉ ସେ ଥାନାରେ ରିପୋର୍ଟ୍ କରିବା ପାଇଁ ମୃତ କନ୍ୟାଟିକୁ ଡଙ୍ଗିଟିରେ ବାହି ଦୂର ଗ୍ରାମରୁ ଏତେ ଦୂର ନେଇ ଆସିଛି। ଦେଖିଲି, ସେ ତା ଦେହରେ ଥିବା ଏକମାତ୍ର ବସ୍ତ୍ରକୁ କାଢି ଝିଅର ମୃତ ଦେହକୁ ଘୋଡାଇ ରଖିଛି। ଏଇ ଅବସରରେ ମଧ୍ୟ ଏତେ ଟିକିଏ ବିଳମ୍ବ ସହ୍ୟ କରି ନପାରି ଜମିଦାରଙ୍କ କଚେରିର ଅସହିଷ୍ଣୁ ମାଝି ନୌକା ଛାଡିଦେଲା।

ସମୟ ଗୋଟାଏ ପାଖାପାଖି ଘରକୁ ଫେରି ଆସି ଦେଖିଲି, ସେ ପର୍ଯ୍ୟନ୍ତ ସେ ଲୋକଟା ହାତ ଗୋଡ ଜାକିଜୁକି ହୋଇ ବସି ସେମିତି ବର୍ଷାରେ ଭିଜୁଥିଲା। ଦରୋଗା ବାବୁର ସେଯାଏ ଦର୍ଶନ ମିଳିନି। ମୁଁ ତା ପାଖକୁ ମୋ ରନ୍ଧା ହୋଇଥିବା ଖାଦ୍ୟରୁ କିଛି ପଠାଇଦେଲି। ସେ କିନ୍ତୁ ତା ଛୁଇଁଲାନି।

ଖୁବ ଶୀଘ୍ର ଖାଇବା ଶେଷ କରି ସାରିଲା ପରେ ପୁନର୍ବାର କଚେରୀରୁ ରୋଗୀଦେଖିବା ପାଇଁ ଡାକରା ଆସିବାରୁ ପୁଣି ବାହାରିବାକୁ ପଡିଲା। ସଂଧ୍ୟା ସମୟରେ ଘରକୁ ଫେରି ଦେଖିଲି ସେ ପର୍ଯ୍ୟନ୍ତ ଲୋକଟି ଯେମିତି ଏକବାର ଆଚ୍ଛନ୍ନ ଅବସ୍ଥାରେ ବସି ରହିଥାଏ। କଥା ପଚାରିଲେ ଉତ୍ତର ନାଇଁ, ଖାଲି ମୁହଁକୁ ବଲବଲ କରି ଅନାଇ ରହୁଥିଲା। ଏବେ ତା'ପାଇଁ ଏଇ ନଦୀ, ଏଇ ଗ୍ରାମ, ଏଇ ଥାନା, ଏଇ ମେଘାଚ୍ଛନ୍ନ ଆର୍ଦ୍ର ପଙ୍କିଳ ପୃଥିବୀଟା ଥିଲା ସ୍ୱପ୍ନ ପରି। ବାରମ୍ବାର ପ୍ରଶ୍ନକରି ବୁଝିଲି, ଥରେ ଜଣେ କନେଷ୍ଟବଲ ଆସି ପଚାରିଥିଲା! ପଇସାପତ୍ର କିଛି ଆଣିଚି କି ନାହିଁ। ସେ ଉତ୍ତର ଦେଇଥିଲା, ସେ ନିତାନ୍ତ ଗରିବ। ତା'ର ସମ୍ବଳ ବୋଲି କିଛି ନାହିଁ! କନେଷ୍ଟବଳ କହିଦେଇ

ଗଲା, 'ତେବେ ପୁଅ, ସେମିତି ସେଇଠି ବସିଥା।'

ଏଇ ଦୃଶ୍ୟ ମୁଁ ଆଗରୁ ବହୁବାର ଦେଖିଛି, କେବେ କିଛି ମନକୁ ଆସିନି। ଆଜି କୌଣସିମତେ ସହ୍ୟ କରି ପାରିଲିନି। ମୋ ଶଶିର କରୁଣା ଗଦ୍‌ଗଦ କଣ୍ଠସ୍ୱର ସମସ୍ତ ମେଘଭରା ଆକାଶରେ ମିଶିଯାଇ ଆର୍ତନାଦ କରି ଉଠିଲା। ଏଇ କନ୍ୟାହରା ବାକ୍ୟହୀନ ଚଷାର ଅପରିମେୟ ଦୁଃଖ ମୋ ଛାତିର ପିଞ୍ଜରା ହାଡକୁ ଯେମିତି ଥରାଇ ଦେଲା।

ଦରୋଗାବାବୁ ବେତ ମୋଡାରେ ବସି ଆରାମରେ ଘୁଡୁ ଘୁଡୁ କରି ହୁକ୍କା ଟାଣୁଥିଲେ। ତାଙ୍କର କନ୍ୟାଦାୟଗ୍ରସ୍ତ ଆତ୍ମୀୟ ଜଣକୁ ମୋରି ଉଦ୍ଦେଶ୍ୟରେ ସଂପ୍ରତି ଗାଁରୁ ଅଣାଇଥାନ୍ତି; ସେ ସପରେ ବସି ଗପସପ କରୁଥାନ୍ତି। ମୁଁ ଝଡ ବେଗରେ ଯାଇ ସେଠାରେ ଉପସ୍ଥିତ ହେଲି। ଚିତ୍କାର କରି କହିଲି, 'ଆପଣମାନେ ନର ନା ପିଶାଚ?' ଏତିକି କହି ଦିନସାରାର ମୋ ଉପାର୍ଜନ ଟଙ୍କା ତା ଆଗରେ ଝଣ୍‌ଝାଣ୍ କରି ଫୋପାଡି ଦେଇ କହିଲି, 'ଟଙ୍କା ଦରକାର ପରା, ହେଇ ନିଅନ୍ତୁ। ଯେତେବେଳେ ମରିବେ ସବୁ ସାଥିରେ ନେଇ ଯିବେ। ଏଥର ଦୟାକରି ସେ ଲୋକଟାକୁ ଛୁଟି ଦିଅନ୍ତୁ, ସେ ଯାଇ ତା କନ୍ୟାର ଶବ ସତ୍କାର କରିପାରୁ।'

ବହୁ ଉତ୍ପୀଡିତଙ୍କର ଅଶ୍ରୁମୋଚନର ପୃଷ୍ଠଭୂମିରେ ଦରୋଗା ସହିତ ମୋର ଯେଉଁ ପ୍ରେମ ଏତେ ଦିନ ଧରି ଗଡି ଉଠିଥିଲା, ତା ଏଇ ଝଡରେ ଧୂଳିସାତ୍ ହେଇଗଲା।



ଅବଶ୍ୟ ଅଳ୍ପ ସମୟ ପରେ ଦରୋଗାର ପାଦ ଧରିଲି, ତା'ର ମହତପଣର ଉଲ୍ଲେଖକରି ଅନେକ ସ୍ତୁତି ଗାନ କଲି, ନିଜର ବୁଦ୍ଧିଭ୍ରଂସ ହୋଇଗଲା ବୋଲି ଅନେକ ଆତ୍ମଧିକ୍କାର କଲି, କିନ୍ତୁ ତଥାପି ଶେଷରେ ନିଜର ଭିଟାମାଟି ଛାଡିବାକୁ ଇ ହେଲା।

୫୦, ଲକ୍ଷ୍ମୀ ବିହାର, ଭୁବନେଶ୍ୱର

ଆହ୍ୱାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଫଗୁଣ ମାସରେ ଜଗନ୍ନାଥ

ନିର୍ମଳ ମିଶ୍ର

ଫିକା ମନରେ ଫଗୁର ରଙ୍ଗ ଭରି, ମନର ଚୌହୁଦୀରୁ ଦୋଳବେଦୀ ଯାଏଁ ଫୁଲର ମହକ ପ୍ରସାରିତ କରି ଯେଉଁ ମାସ ଆସେ ତାହା ଫଗୁଣ ମାସ। ବିଷ୍ଣୁ ଏହି ମାସରେ ଗୋପାଳ ଭାବରେ ପୂଜା ପାଆନ୍ତି। ବିଷ୍ଣୁ ଓ ବିଚିତ୍ର ଠାକୁର ଜଗନ୍ନାଥ ଅଭିନ୍ନ ହୋଇଥିବାରୁ ଫଗୁଣ ମାସରେ ଜଗନ୍ନାଥଙ୍କୁ ଗୋବିନ୍ଦ ଭାବରେ ଏହି ପ୍ରବନ୍ଧ ମାଧ୍ୟମରେ ଉପସ୍ଥାପନ କରାଯାଇ ଅଛି।

ପ୍ରଥମେ ଗୋବିନ୍ଦ ଶବ୍ଦର ଅର୍ଥ ସଂପର୍କରେ ଚିନ୍ତା ପ୍ରକଟ କରାଯାଉ। ଶାସ୍ତ୍ରରେ କୁହା ଯାଇଅଛି, 'ଗାଃ ଇନ୍ଦ୍ରିୟାନ ବିନ୍ଦତି ପ୍ରକାଶୟତି ଇତି ଗୋବିନ୍ଦଃ'। ଅର୍ଥାତ ଯିଏ ଇନ୍ଦ୍ରିୟମାନଙ୍କୁ ପ୍ରକାଶ କରନ୍ତି, ସିଏ ଗୋବିନ୍ଦ ଅଟନ୍ତି। ଇନ୍ଦ୍ରିୟ ମାନଙ୍କୁ ପ୍ରକାଶ କରିବା ଅର୍ଥ ଏମାନଙ୍କୁ ଶକ୍ତି ପ୍ରଦାନ କରିବା ବା କାର୍ଯ୍ୟକାରୀ କରାଇବା। ମନଦ୍ୱାରା ଇନ୍ଦ୍ରିୟମାନେ ପରିଚାଳିତ ହେଉଥିବାରୁ ଏହାକୁ ଇନ୍ଦ୍ରିୟମାନଙ୍କ ସ୍ୱାମୀଭାବେ ଗ୍ରହଣ କରାଯାଇଛି। ଭଗବାନ ଶ୍ରୀ କୃଷ୍ଣ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଅଟନ୍ତି। ସ୍ୱୟଂ ଶ୍ରୀ କୃଷ୍ଣ 'ଗୀତା'ରେ କହିଛନ୍ତି- 'ଇନ୍ଦ୍ରିୟାଣା ମନଶ୍ଚାସ୍ମି ଭୂତାନାମସ୍ମି ଚେତନା'। ଏଥି ପାଇଁ ଶ୍ରୀ କୃଷ୍ଣଙ୍କୁ ହୃଷୀକେଶ ମଧ୍ୟ କୁହାଯାଏ। ଇନ୍ଦ୍ରିୟମାନଙ୍କର ସ୍ୱାମୀ ଭାବେ ଏବଂ ଏମାନଙ୍କର ପ୍ରକାଶକର୍ତ୍ତାଭାବେ ଭୂମିକା ନିର୍ବାହ କରୁଥିବାରୁ ଶ୍ରୀ କୃଷ୍ଣଙ୍କର ଗୋବିନ୍ଦ ସ୍ୱରୂପ ପ୍ରତୀୟମାନ ହୁଏ। ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ଅଟନ୍ତି। ଓଡିଆ ଭାଷାର ଆଦିକବି ସାରଳା ଦାସ 'ମହାଭାରତ'ର ମୂଷଳୀ ପର୍ବରେ ଶ୍ରୀ ଜଗନ୍ନାଥଙ୍କୁ କୃଷ୍ଣ ରୂପରେ ରୂପାୟିତ କରି ଲେଖିଛନ୍ତି;

ରାମକୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା
ଶ୍ରୀ ପୁରୁଷୋତ୍ତମେ ବିଜେ ହଳୀ ହରି ବ୍ରହ୍ମା।

ରଥୀ ଦାସ 'ଅଳଙ୍କାର ବୋଲି'ରେ ନୀଳଗିରି ମଣ୍ଡନକାରୀ ଠାକୁର ଶ୍ରୀ ଜଗନ୍ନାଥଙ୍କୁ କୁବୁଜାକୁଜ ଭଙ୍ଗକାରୀ ଶ୍ରୀ କୃଷ୍ଣ ଭାବେ ଦର୍ଶାଇଛନ୍ତି;

ଜୟ ଜୟ ନୀଳଗିରି ମଣ୍ଡନ,
ଜୟ ସୁଦାମା ଦାରିଦ୍ର୍ୟ ଭଞ୍ଜନ।
ଜୟ ନନ୍ଦିଘୋଷ ରଥବେହାରୀ
ଜୟ କୁବୁଜାକୁଜ ଭଙ୍ଗ କାରୀ।

'ସ୍କନ୍ଦ ପୁରାଣ'ରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ କୃଷ୍ଣଙ୍କୁ ଅଭିନ୍ନ ସତ୍ତା ଭାବରେ ଦର୍ଶାଯାଇ କୁହାଯାଇଛି।

ପଦ୍ମାସନ ସ୍ଥିତ କୃଷ୍ଣ ଦିବ୍ୟାଳଙ୍କର ଭୂଷିତମ୍
ସ୍ୱତେଜସା ପରିବୃତ୍ତଂ ଦାରୁଦେହେଽନିର୍ମଳମ୍।

କୃଷ୍ଣ ଓ ଜଗନ୍ନାଥ ଯେହେତୁ ଏକ ଓ ଅଭିନ୍ନ, ଜଗନ୍ନାଥଙ୍କୁ ଗୋବିନ୍ଦ ଭାବରେ ଗ୍ରହଣ କରିବାକୁ ଶାସ୍ତ୍ରୀୟ ବାଧା ଉପୁଜେ ନାହିଁ। 'ଗୋଙ୍ଖବିଦ୍ଙ୍ଖଆ'ରୁ ଗୋବିନ୍ଦ ପଦର ସୃଷ୍ଟି। 'ଗୋ' ଶବ୍ଦର ଏକ ଅର୍ଥ ହେଉଛି ପୃଥିବୀ, ଏହି ଦୃଷ୍ଟିରୁ ଚିନ୍ତା କଲେ କୃଷ୍ଣ, ବିଷ୍ଣୁ ବା ଜଗନ୍ନାଥ ପୃଥିବୀ ବିଷୟରେ ସର୍ବଶ୍ରେଷ୍ଠ ଜ୍ଞାତା ଅଟନ୍ତି। କାରଣ କୃଷ୍ଣ, ବିଷ୍ଣୁ ବା ଜଗନ୍ନାଥ ପୃଥିବୀର ସୃଷ୍ଟି, ପାଳନ ଓ ସଂହାର ଦୃଷ୍ଟିରୁ ପୃଥିବୀ ସହିତ ଜଡିତ ହୋଇ ରହିଥାଆନ୍ତି।

ଅଭିଧାନ ଦୃଷ୍ଟିରେ 'ଗୋ' ଶବ୍ଦର ଅନ୍ୟ ଅର୍ଥ ହେଉଛି, ସୂର୍ଯ୍ୟ ଓ ଚନ୍ଦ୍ର। 'ବିଦ୍' ଶବ୍ଦର ଅର୍ଥ ହେଉଛି ଜାଣିବା। ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ବିଷୟରେ ଜାଣିଥିବା ଚରିତ୍ର ମଧ୍ୟ ଶ୍ରୀ କୃଷ୍ଣ ଅଟନ୍ତି। ଶ୍ରୀ କୃଷ୍ଣ ସ୍ୱୟଂ 'ଗୀତା'ରେ କହିଛନ୍ତି;

ଆଦିତ୍ୟାନାମହଂ ବିଷ୍ଣୁ ର୍ଜ୍ୟୋତିଷାଂ ରବିରଂଶୁମାନ
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶି।

ଏଠାରେ ପ୍ରକାଶ ଯୋଗ୍ୟ ଯେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ପ୍ରଭୃତି ଯେଉଁ କିରଣ ବିକିରଣ କରିଥାଆନ୍ତି, ସେ ସବୁ ତେଜ ସେମାନେ ଭଗବାନ ଶ୍ରୀ କୃଷ୍ଣଙ୍କଠାରୁ ପାଇଥାଆନ୍ତି। 'ଗୀତା'ର ପଞ୍ଚଦଶ ଅଧ୍ୟାୟ ଦ୍ୱାଦଶ ଶ୍ଳୋକରେ କୁହାଯାଇଛି;

ଯଦାଦିତ୍ୟ ଗତଂ ତେଜୋ ଜଗଦ୍ଭାସୟତେଽଖିଳମ୍
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋବିଦ୍ଧିମାମକମ୍ଜ

ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଓ ଯମ ପ୍ରଭୃତି ଦେବତାମାନେ ଭଗବାନଙ୍କର ଅଧୀନତା ସ୍ୱୀକାର ପୂର୍ବକ ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିଥାଆନ୍ତି। ଏଣୁ 'ତୈତ୍ତିରୀୟ ଶ୍ରୁତି'ରେ କୁହାଯାଇଛି;

ଭୀଷାସ୍ମାଦ୍ବାତଃ ପବତେଭୀଷୋଦେତି ସୂର୍ଯ୍ୟଃ
ଭୀଷାସ୍ମାଦଗ୍ନିଶ୍ଚେନ୍ଦ୍ରଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ।।

ଏଠାରେ ପ୍ରକାଶ କରାଯାଇ ପାରେ ଯେ ଶ୍ରୀ କୃଷ୍ଣ ଭଗବାନ ଓ ଗୋବିନ୍ଦ ଅଟନ୍ତି। ଶ୍ରୀ କୃଷ୍ଣ, ଶ୍ରୀ ଜଗନ୍ନାଥ ଏକ

ଆହ୍ଵାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସତ୍ତା ହୋଇଥିବାରୁ ଶ୍ରୀ ଜଗନ୍ନାଥ ମଧ୍ୟ ଗୋବିନ୍ଦ ଅଟନ୍ତି । ମାତ୍ର ଶ୍ରୀ କୃଷ୍ଣଙ୍କ ମାଧ୍ୟମରେ ଜଗନ୍ନାଥଙ୍କୁ ଗୋବିନ୍ଦ ଭାବେ ଗ୍ରହଣ କଲାବେଳେ, ଉପସ୍ଥାପନ କଲାବେଳେ ମନରେ ସ୍ଵତଃ ପ୍ରଶ୍ନ ଉଠେ- ଜଗନ୍ନାଥ କଣ ପ୍ରତ୍ୟକ୍ଷ ଭାବେ ଗୋବିନ୍ଦ ନୁହନ୍ତି? ମନ ଏହି ପ୍ରଶ୍ନର ଉତ୍ତର ଖୋଜୁଥିବା ବେଳେ ଭକ୍ତ କବି ବଳରାମଦାସ ଭାବ ବିହ୍ୱଳ ହୋଇ ଉତ୍ତର ଦିଅନ୍ତି;

ହରି ହୋ-
କଣ୍ଠେ କଣ୍ଠ ମାଳ ସେବତୀ ଆଭା
ତୁଳସୀଦୟଣା ବିଭିନ୍ନ ଗଭା ।
ନାଥତୋ ଶ୍ରୀ ଅଙ୍ଗ ଯେନ ଦିଶଇ
ଫୁଲମାଳ ଯେ ତୋତେ ଶୋଭାପାଇ ।
ହରିହୋ-
ଫୁଲରେ ଗହଳ ଅଟୁ ଗୋବିନ୍ଦ,
ବଳରାମ ଦାସ ଦେଖି ସାନନ୍ଦ ।

ଅଷ୍ଟାଦଶ ପୁରାଣର ରଚୟିତା ମହର୍ଷି ବ୍ୟାସଦେବ ଶ୍ରୀ ଜଗନ୍ନାଥଙ୍କୁ ଗୋବିନ୍ଦଭାବେ ସ୍ତୁତି କରି କହିଛନ୍ତି-

ଜଗତ୍ପତେ! ଚକ୍ରଧରାଽମୁରାରେ!
ମୁକୁନ୍ଦ! ଗୋବିନ୍ଦ! ମହାନୁଭାବ!
ନୀଳାଚଳାଧୀଶ! ନବାମ୍ବୁଜାଭ!
ନମୋଽସ୍ତୁତେ ସୁନ୍ଦର ପାଦପଦ୍ମ!

ମାର୍କଣ୍ଡେୟ ମୁନି ବିଷ୍ଣୁ ତଥା ଜଗନ୍ନାଥଙ୍କୁ ପ୍ରାର୍ଥନା କରି କହିଛନ୍ତି-

ଏକାର୍ଣ୍ଣବେ ମହାଘୋରେ ନାବସ୍ଥାତୁଂ ପ୍ରଦେଶଭୂଃ
ଅସ୍ତିଲକ୍ଷ୍ମୀପତେ ମେଘବାରିଜାତ ପ୍ରକଂପନାତ୍ ।
ତ୍ରାହି ବିଷ୍ଣୋର୍ଜଗନ୍ନାଥ ମଗ୍ନସଂସାର ସାଗରେ
ମାମୁଦ୍ଧରାସ୍ମାଦ୍ ଗୋବିନ୍ଦ କୃପାପାଙ୍ଗ ବିଲୋକନାତ୍ ।

ଫଗୁଣମାସରେ ଜଗନ୍ନାଥଙ୍କର ଗୋବିନ୍ଦ ପରିଚୟ ସଂପର୍କରେ ପ୍ରମାଣ ଦେବାପାଇଁ ପାଠକ ମାନଙ୍କର ମନକୁ ଏବେ ଶ୍ରୀ କ୍ଷେତ୍ରର ଦୋଳବେଦୀକୁ ନେଇ ଯାଉଛି । ଶ୍ରୀ ଜଗନ୍ନାଥ ପୂର୍ବରୁ ଫଗୁଣ ମାସରେ ଦୋଳଯାତ୍ରା ଅବସରରେ ଦୋଳବେଦୀକୁ ଯାତ୍ରା କରି ଦୋଳରେ ଗୋବିନ୍ଦ ଭାବରେ ଝୁଲୁଥିଲେ । ମାତ୍ର ଏବେ ଜଗନ୍ନାଥଙ୍କର ବିଜେ ପ୍ରତିମା ଦୋଳ ଗୋବିନ୍ଦ ଭାବେ ଦୋଳବେଦୀକୁ ବିଜେ କରୁଅଛନ୍ତି । ଦୋଳୋତ୍ସବ ଅବକାଶରେ ଦୋଳବେଦୀରେ ଜଗନ୍ନାଥଙ୍କର ଗୋବିନ୍ଦସ୍ୱରୂପ ଦର୍ଶନକାରୀଙ୍କୁ ଜଗନ୍ନାଥ ସୁଖ, ଆୟୁ ପ୍ରଦାନ କରିବ ସହ ବିଷ୍ଣୁଙ୍କର ପରମଧାମକୁ ପଠାଇଥାଆନ୍ତି ବୋଲି 'ବାମଦେବ ସଂହିତା'ରେ କୁହାଯାଇଛି । ଦୋଳାରୂଢ ଗୋବିନ୍ଦରୂପୀ ଜଗନ୍ନାଥଙ୍କର ଦର୍ଶନକଲେ ଗୋବିନ୍ଦପୁର ପ୍ରାପ୍ତି ହୁଏ । ଏହି ମର୍ମରେ 'ବ୍ରହ୍ମପୁରାଣ'ରେ କୁହାଯାଇଛି;

ନରୋଦୋଳଗତଂ ଦୃଷ୍ଟ୍ୱା ଗୋବିନ୍ଦ ପୁରୁଷୋତ୍ତମଃ
ଫାଲ୍ଗୁନେ ମାସିଭୋ ବିପ୍ରା ଗୋବିନ୍ଦସ୍ୟ ପୁରଂ ବ୍ରଜେତ୍ ।

ଦୋଳାରୂଢ ଜଗନ୍ନାଥଙ୍କ ସଂପର୍କରେ ସବୁଠାରୁ ପ୍ରିୟ ତଥା ପରିଚିତ ପ୍ରମାଣଟି ହେଲା-

ଦୋଳେସ୍ଥ ଦୋଳଗୋବିନ୍ଦ ଚାପେଷ୍ଟ ମଧୁସୂଦନଃ
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ ।

ପରିଶେଷରେ ଜଗତର କଲ୍ୟାଣ ନିମିତ୍ତ 'ଶ୍ରୀ ଗୀତଗୋବିନ୍ଦ'ର ଭାବରେ ଓ କବି ଜୟଦେବ ଗୋସ୍ୱାମୀଙ୍କ ଭାଷାରେ ପରମଗତି ତଥା ମୁକ୍ତିଦାତା ଶ୍ରୀ ଜଗନ୍ନାଥଙ୍କୁ ଗୋବିନ୍ଦଭାବରେ ବନ୍ଦନା କରି ଅଛନ୍ତି-

ସାନ୍ଦ୍ରାନନ୍ଦ ପୁରନ୍ଦରାଦି ଦିବିଷଦ୍ ବୃନ୍ଦୈରମନ୍ଦାଦରା-
ଦାନମ୍ରୈର୍ମୁକୁଟେନ୍ଦ୍ର ନୀଳମଣିଭିଃ ସନ୍ଦର୍ଶିତେନ୍ଦିନ୍ଦିରମ୍ ।
ସ୍ୱଚ୍ଛନ୍ଦଂ ମକରନ୍ଦ ସୁନ୍ଦର ଗଳନ୍ମାନ୍ଦାକିନୀ ମେଦୁରମ୍
ଶ୍ରୀ ଗୋବିନ୍ଦ ପଦାରବିନ୍ଦମଶୁଭସ୍କନ୍ଦାୟ ବନ୍ଦାମହେ ।

ପୋଖରିଆ ସାହି, ପୁରୀ

## ଶ୍ରୀମତି କମ୍ ନୁହନ୍ତି

ସେ ଦିନ ସକାଳୁ ହଠାତ୍ ଆମ ଗଳିରେ ବଡ ଧରଣର ପାଟିତୁଣ୍ଡ ହୋଇଗଲା । ଅମୁକ ବାବୁଙ୍କ ପୁଅ ଅମୁକ ବାବୁଙ୍କ ଝିଅକୁ ଅଶ୍ଳୀଳ ମନ୍ତବ୍ୟ ଦେଲା । ଅବଶ୍ୟ ମାତ୍ର କିଛି ସମୟର ପାଟିତୁଣ୍ଡ ପରେ ସବୁ ଶାନ୍ତ ପଡିଗଲା ଆଉ ଯିଏ ଯାହା ଘରକୁ ଚାଲିଗଲେ । ମହାନ୍ତିବାବୁ ଖବର କାଗଜ ପଢିଲାବେଳେ ତା'ଙ୍କ ସ୍ତ୍ରୀ ଶ୍ରୀମତି ସୁଶିଳା ଦେବୀ କହିଲେ, 'ହଇ ହେ ଶୁଣୁଛ? ସାହିରେ ତେଣେ ଲୋକ ହଣା ମରା ହେଲେଣି, ଇଏ ଗୋଟେ କାଗଜଟେ ଧରି ଘରେ ବସିଥ ।

କେଡେ ମରଦ ତୁମେ ବା। ଯାଉନ ଦେଖିବ କଣ ହେଉଚି। ହଇ ହେ ଘରୁ ବାହାର, ଦେଖ।' ଅନିଚ୍ଛା ସତ୍ତ୍ୱେ ମହାନ୍ତିବାବୁ ଘରୁ ବାହାରି ଦେଖିଲେ ସାହି ଶାନ୍ତ। ଘର ଭିତରକୁ ଫେରି କହିଲେ, 'କାହିଁ, କେଉଁଠି ତ କିଛି ନାହିଁ?' ସୁଶିଳା ଦେବୀ ରଡି କରି କହିଲେ, 'ଥାଆନ୍ତା କି ଆଉ, ତୁମକୁ କହିଲା ବେଳକୁ ଉଠିଲା ବେଳକୁ ଯୁଗେ।' ମହାନ୍ତିବାବୁ କହିଲେ, 'ଓହୋ ଏତେ ବୁଝାଇବା କଣ ଦରକାର, କହୁନ କଣ ହେଇଛି?' ସୁଶିଳା ଦେବୀ ଅଭ୍ୟାସ ପୂର୍ବକ ଗଲାକୁ ଚିପି ଚିପି କହିଲେ, 'ସବୁ ପରା ସେଇ ମରୁଡିଖିଆ ମରଦଟୋକାଙ୍କ ନାଟ। ଦାସଘର ଝିଅକୁ କୁଆଡେ ଟଣା ଓଟରା କରୁଥିଲା, ସେ ଟୋକାଟା, କଣ ବା ତା' ନାଁ ଟା ସତେ, ଏ ସେ ମାହାପୁରୁ ନାଁ ଟା ବା। ହଁ, ବଳିଆ। ଝିଅ ଦେଖିଲେ ଏଗୁଡାକର ନାହି ଡେଇଁବ।'

ମହାନ୍ତିବାବୁ ଖବର କାଗଜ ଭିତରେ ପଶିରହି କହିଲେ, 'ହେଲେ କଣ ହେଲା? ପୁଲିସ୍ ଆସିଲା କିଆଁ? ନାଇଁ ତ ତୁମେ କାହିଁକି ତୁଚ୍ଛାଟାରେ ଚିଲ୍ଲେଇ ହେଉଛ?' ସୁଶିଳା ଦେବୀ ଗରଗର ହୋଇ ଘର ଭିତରକୁ ଚାଲିଗଲେ। ବାବୁ ଖବର କାଗଜରେ ପଶିବା ପୂର୍ବରୁ ହଠାତ୍ ଅଟକି ଯାଇ ମନେ ପକାଇଲେ, ଠିକ୍ ଦୁଇ ଦିନ ତଳେ ସେଇ ଦାସଘର ଝିଅ ଆଉ ବଳିଆ ଏକାଠି ମଟର ସାଇକେଲ୍‌ରେ ବସି ୟୁନିଭର୍ସିଟି ଭିତରେ ଚକ୍କର କାଟୁଥିଲେ। ଭାରି ହସୁଥିଲେ ଦି'ଟା ଯାକ। ଅନେକ କହୁଥିଲେ, ଯେ ଏଇୟା ତ ନିତି ଦିନିଆ ଘଟଣା। ସେ ପାଟିକରି କହିଲେ, 'ହଇହେ, କୁଆଡେ ଗଲ? ଶୁଣ ତ?' ସୁଶିଳା ଦେବୀ ଘର ଭିତରୁ କଂସାରେ ଚାଉଳ ପାଣିରେ ଧୋଇ ଧୋଇ ଆସିଲା ପରେ କହିଲେ, 'ହଇହେ, ଦାସ ଘର ଝିଅ ଆଉ ବଳିଆ ତ ଡେଇଲି ୟୁନିଭର୍ସିଟିରେ ମଟର ସାଇକେଲ୍‌ରେ ବସି ଚକ୍କର କାଟୁଛନ୍ତି, ଆଉ କିଏ କଣ କଲା କହୁଛ? ଦି ଦିନତଳେ ପରା ମୁଁ ନିଜ ଆଖିରେ ଦେଖିଛି। କେତେ ହସ, କେତେ ଟାହିଟାପରା ଚାଲିଥିଲା ଦି'ଟାର।' ସୁଶିଳା ଦେବୀ ଅଟକିଯାଇ କହିଲେ, 'ସତ କହୁଛ? ଆଲୋ ଆଲୋ, ମୁଁ ତ ଭାବୁଥିଲି ଝିଅଟା ଭଲ ବୋଲି। ଏତେ ହାଟନାଟ ହେଲାଣି ତଥାପି କେମିତି ଅଲାଜୁକି ଭଳି ଠିଆ ହେଇଥିଲା ଦେଖି ଥାଆନ୍ତ। କି ଯୁଗ ହେଲାଲୋ ବୋଉ!!!'

ସନ୍ଧ୍ୟା ପାଞ୍ଚଟା ବେଳକୁ ମହାନ୍ତିବାବୁ ଅଫିସ୍‌ରୁ ଫେରିଲା ବେଳକୁ, ତାଙ୍କରି ଦୁଆରେ ନାଟକ ଚାଲିଥିବା ଦେଖି ଚମକି ପଡିଲେ। ମନେ ମନେ କହିଲେ, 'ମୋର ତ ପୁଅ ନାହିଁ କି ଝିଅ ନାହିଁ, ମୋ ଦୁଆରେ କାହିଁକି ଭିଡ।' ପାଖକୁ ଯାଇ କଥା କଣ ବୁଝନ୍ତେ, ଦାସଘର ଝିଅ ତୋଫାନ୍ ପରି ମାଡି ଆସି କହିଲା, 'ହଇରେ ବୁଢା, ତୁ ମତେ ୟୁନିଭର୍ସିଟିରେ ଦେଖିଲୁ? କୋଉଠି ଦେଖିଲୁ, କେମିତି ଦେଖିଲୁ କହ? ତୁମେ ବୁଢା ବୁଢ଼ି ଦି'ଟାକୁ ଦେଖୁଛି ରହ। ହାଁ ରେ ଆମକୁ ବଦନାମ କରିବାକୁ ଲାଗିଚ ନାଇଁ। ଆମ ଘର ନାଁ ପକାଉଚ। କାହକୁ ଛାଡିବିନି, କୋର୍ଟ କଚେରୀ ଯିବି। ମୋ ଭଳିଆ ଭଲ ଝିଅକୁ ବଦନାମ କରୁଚ, ମୋତେ ତୁମେ ଜାଣିନ। ମୁଁ ଭାରୀ ଦୁଷ୍ଟ।' ମହାନ୍ତିବାବୁ ଅବାକ୍ ହୋଇ ଚାହିଁ ରହିଲେ। କିଛି କହିବା ପୂର୍ବରୁ ଘର ଭିତରୁ ସୁଶିଳା ଦେବୀ ଦଉଡି ଆସିକହିଲେ, 'ହଇହେ, କହୁନ? କୁହ ଦି ଦିନତଳେ ତୁମେ ୟୁନିଭର୍ସିଟିରେ କଣ ଦେଖିଥିଲ, କୁହ?' କଥା ଟା ଜାଣିବାକୁ ଆଉ ବିଳମ୍ବ ହେଲାନି। ଅଗତ୍ୟା ମହାନ୍ତିବାବୁ ଯେନତେନ ପ୍ରକାରେ କଥାକୁ ତୁଟେଇ ଦେଇ ଘର ଭିତରକୁ ପଶିଆସିଲେ। ସାହି

ପଡିଶା ଦୁଆରଟାରେ ଠିଆ ହୋଇ କେତେ ଛି ଛାକର କଲେ, ତାହା ସହିଗଲେ। ଏଣେ ଘର ଭିତରର ଝଡକୁ ସାମନା କରିବାକୁ ସତ୍‌ସାହାସ ଯୋଗାଡ କରିବା ପୂର୍ବରୁ ବଳିଆ ଆସି ଦୁଆରେ ଠିଆ ହୋଇଗଲା। ସିଧା ଘର ଭିତରକୁ ପଶି ଆସି ମହାନ୍ତିବାବୁଙ୍କ କଲର୍ ଧରି କହିଲା, 'ଆଉ ଦିନେ ଯଦି ଆମ ବିଷୟରେ କଥା ଟେ କହିଛୁ, ତ ତୁ ଜାଣିବୁ ମୁଁ କିଏ।' ବଳିଆର କଥା ନ ସରୁଣୁ, ତା'ର କିଛି ସାଙ୍ଗ ସାମନା ବୈଠକ ଘରେ ସଜାଇ ରଖିଥିବା ଫୁଲଦାନୀ ଆଦି ଦାମିକା ସାମଗ୍ରୀ ସବୁକୁ ଭାଙ୍ଗି ଚୁରମାର କରିଦେଲେ।

ନିରୀହ ଶିଶୁଟିଏ ପରି ଆଖି କୋଣରେ ଲୁହ ଟୋପାଏ ଧରି ମହାନ୍ତିବାବୁ ଘରୁ ବାହାରିଲେ। ବାହାରେ ଲୋକଙ୍କ ମେଳା ଚାଲିଥିଲା, କିଛି କହିବା ସମ୍ଭବ ନଥିଲା, ଫେରି ଆସି ଚୁପ୍‌ଚାପ୍ ବସିଗଲେ। ସୁଶିଳା ଦେବୀ ତଥାପି ଚିଲ୍ଲେଇ ହେଉଥାନ୍ତି, 'ହଇହେ ବସିଲ କଣ, ଯାଅ, ଥାନାକୁ ଯାଇ କେଶ୍ କର। ମୋ ଘରକୁ ପଶି ସବୁ ଭାଙ୍ଗି ଦେଇଗଲେଣି। କେଡେ ବହପ ସେ ପିଲାର। କାଲିର ଛୁଆ, ତୁମକୁ ଧମକି ଦେଉଛି।' ମହାନ୍ତିବାବୁ ନିରବରେ ବସିଥିଲେ, କାରଣ ସେ ହିଁ ଭୂଲ କରିଥିଲେ, ନା

ଆହ୍ୱାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସେ ଏତେ କଥା ସୁଶିଳା ଦେବୀଙ୍କୁ କହିଥାନ୍ତେ ନା ଏତେ ହାଟନାଟ ହୋଇଥାଆନ୍ତା। ଶ୍ରୀମତିଙ୍କୁ ଭଲଭାବେ ଜାଣିସୁଧା ସେ କେମିତି ଏତେ ବଡ ଭୂଲଟିଏ କରିପକାଇଲେ।

ସକାଳୁ ସକାଳୁ ଉଠି ବୈଠକର ଭୂଗୋଳକୁ ସଜାଡିବାକୁ ବସିଲା ବେଳକୁ ଦାସଘରୁ ପୁଣି ଜୋରରେ ଆବାଜ ଆସିଲା। ସୁଶିଳା ଦେବୀ ଘରୁ ବାହାରି ଯାଉଥିଲେ, ମହାନ୍ତିବାବୁ ହାତ ଧରି ଅଟକାଇ ଦେଲେ। ଦୁହେଁ ବୈଠକରେ ବସିଥିବା ବେଳେ ସାମନା ଘର ଚୌଧୁରୀ ବାବୁ ଆସିକହିଲେ, 'ଆପଣ ସତ କଥା କହିଥିଲେ ଆଜ୍ଞା। ମୋତେ ବି ଲାଗୁଥିଲା, ସେ ଦି'ଜଣଙ୍କ ନିଶ୍ଚୟ ଚକ୍କର ଥିବ। ଦେଖୁନ କାଲି ଏତେ ଗଣ୍ଡଗୋଳ ହେଲା, ଏଇ ଆଜି ସକାଳୁ ସକାଳୁ ଫେରାର୍। ଘରେ ଚିଠି ଛାଡିଦେଇ ଯାଇଛି ଝିଅ। ସେମାନେ କାଳେ ଆଗରୁ କୋଉ ମନ୍ଦିରରେ ବାହା ହେଇ ସାରିଛନ୍ତି।' ତା'ଙ୍କ କଥା ନ ସରୁଣୁ ଦାସବାବୁ ଆସି ଦୁଆରେ ଠିଆ, 'ମହାନ୍ତିବାବୁ, ଆପଣଙ୍କ ଯୋଗୁଁ ମୋର ଏଇ ଦିନ ଦେଖିବାକୁ ମିଳିଲା। ଯଦି ଆଗରୁ ମୋତେ କହି ଦେଇଥାନ୍ତେ ତ ମୁଁ ଝିଅକୁ ଆକଟ କରିଥାଆନ୍ତି। କାହିଁକି କହିଲେନି। ଆମ ଘରକୁ ସୁକୁଟ ଦେଖିଲ। ହଉ ହଉ ତୁମର ବି ଦିନ ଆସିବ।' ଦାସବାବୁ ଚାଲିଗଲେ। ସାହି ପୁଣି ଶାନ୍ତ ପଡିଗଲା। ସେ ଦିନ ସନ୍ଧ୍ୟାରେ ନାଲିଶାଢି ଆଉ ଚୁଡି ପିନ୍ଧି ମାରୁତି ଭ୍ୟାନ୍‌ରୁ ଓହ୍ଲାଇ ଦାସଘର ଝିଅ ବଳିଆ ସାଙ୍ଗରେ ନିଜ ଘର ଭିତରକୁ ଯାଉଥିଲା। ଶୁଣା ଯାଉଥିଲା, ସେ କାଳେ ଆଉ ତିନିମାସ ପରେ ମା' ହେବ।



## ମନୁଷ୍ୟ

ତୁ ଅଭିନ୍ନ ଦୁନିଆ ଆଖିରେ
ଜାଣିଛୁ କେବଳ ଆମେ ତୁ କିଏ
ହାତଗୋଡ ଥିବା ମଣିଷ ସମସ୍ତେ
ତୁ କେମିତି ହେବୁ ଜାଣିଛି କିଏ
ଆଶା ଆକାଂକ୍ଷାର୍ ଧୂଆଁ ଧାର୍ ପରି
ବହିଯାଉଥିବା ସପନ ଟିଏ ।

ସବୁଠି ମିଳିବେ ସଖା ସହୋଦର୍
ବନ୍ଧୁ ବାନ୍ଧବ ନିଜ ଆଉ୍ ପର୍
ଭାବିଲେ୍ ତ ଇଏ ସବୁ ଆମ ଘର୍
ନ ଭାବିବୁ ଯଦି ସମସ୍ତେ ତ ପର୍ ।

କିଏ ତତେ ଦେବ ଜହ୍ନ ତୋଳି ଆଣି
କିଏ ବା କହିବ ସପନ କାହାଣୀ
କାହା ତୁଣ୍ଡେ ଥିବ ତୋ ଗୁଣ କୀର୍ତ୍ତନ
କିଏ ପୁଣି ଦେବ ତତେ ଅପମାନ ।

ରାସ୍ତାରେ୍ ଚାଲିବୁ ପଥର୍ ପାଇବୁ
ବାଟରେ୍ ଘାଟରେ୍ ନାମ ଲେଖେଇବୁ
ତୋ ଭାଗ୍ୟ ବିଧାତା ତୁ ହିଁ କେବଳ
ତୋ ସାଥୀରେ୍ କେତେ ଦୂର୍ ବା ଚାଲିବୁ ।

କଲେ୍ ଭଲ୍ କାମ ପାଇବୁ ସୁନାମ
ଅକର୍ମେ ଭୋଗିବୁ ନିନ୍ଦା
କରିଥିବୁ ଯଶ ହେବ ଯାହା ଭୋଗ
ସାତ ଜନମରେ୍ ତୋର୍
ଜନମ ନେଇଛୁ ନଶ୍ୱର୍ ଶରୀରେ
ଏ ଦୁନିଆ ତୋର୍ ଘର୍ ।

ଡ଼ ଜ୍ୟୋତି ପ୍ରସାଦ ପଟନାୟକ

ଆହ୍ୱାନ
ଓଡ଼ିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଲଙ୍କାରେ 'ହରି' ଶବ୍ଦ

କଥା ଛଳରେ ସୀମାଦ୍ରି ବାବୁ କହିଲେ, 'ଆଜ୍ଞା, ଭଗବାନ ଅଛନ୍ତି, ନୋଇଲେ ଆମେ ସବୁ କେବେଠୁ ଡୋ ହୋଇ ସାରନ୍ତେଣି, ନହେଲେ ମହାବାତ୍ୟାପରେ କିଏ ଭାବିଥିଲା ଓଡ଼ିଶା ପୁଣି ମୁଣ୍ଡ ଟେକିବ ବୋଲି?' ତାଙ୍କ କଥାକୁ ଖିଅ ଧରି ବସନ୍ତବାବୁ କହିଲେ, 'ସତ କଥା। ଯାହା ସବୁ ଭଗବାନଙ୍କ ଯୋଗୁଁ ହିଁ ଆମେ ବଞ୍ଚିଛୁ। ଦିନକୁ ଦିନ ଯାହା ଅବସ୍ଥା ହେଲାଣି ବଞ୍ଚିବା ପୁରା ମୁସ୍କିଲ୍। ସେ ଦିନ ଆଉ ଫେରିବନି ସିମାଦ୍ରୀ ବାବୁ, ଯେଉଁଦିନ ଆମେ ଘିଅ ଖାଇ କ୍ଷୀରରେ ଗାଧୋଉଥିଲେ। ଏବେ ତ ପାଣି ପ୍ୟାକେଟ୍‌ରେ ମିଳିଲା। ଆଉ ଖାଇବା କଣ ପିଇବା କଣ, ଗାଧୋଇବା କଥା ଛାଡିଦିଅ।' ସମସ୍ତେ ଏକ ରକମ ଚୁପ୍ ହୋଇଗଲେ। ସିମାଦ୍ରୀ ବାବୁ କହିଲେ, 'ଭଲ କଥା ଆମେ ସବୁ ଶେଖ୍ ହେଇଯିବା। ଯେମିତି ଦୁବାଇରେ ଲୋକମାନେ ପାଣି ନ ପାଇ ମାସ ମାସ ଧରି ନ ଗାଧୋଇ ରହୁଛନ୍ତି, ଆମେ ବି ଶିଖିଯିବା। ଦିନ ଦିନର ଝଞ୍ଜଟ୍ ଗଲା ଜାଣ।' ସମସ୍ତେ ହସି ଦେଇ କହିଲେ, 'ସିମାଦ୍ରୀ ବାବୁଙ୍କୁ ଗାଧୁଆ ପସନ୍ଦ ନାହିଁ ପରା।' ସମସ୍ତେ ହସିଦେଇ ଉଠିଲେ। ସକାଳ ଆଠଟା ହେଲାଣି। ତେଣେ ଘରକୁ ଗଲେ ଅଫିସ୍ ପାଇଁ ବି ତ ତୟାରି କରିବାକୁ ହେବ।

ଘରର କଂପାଉଣ୍ଡ ଡେଇଁ ଭିତରକୁ ଆସିଲା ବେଳକୁ, ଘର ଭିତରୁ ଶ୍ରୀମତିଙ୍କ କୋମଲ କଣ୍ଠରେ ଭଜନ ଶୁଣି ବଙ୍କିବାବୁ ଟିକେ ଅଟକି ଗଲେ। ମନେ ମନେ ଭାବିଲେ, 'ଇୟେ କି କଥା?? ଲଙ୍କାରେ ପୁଣି ହରି ଶବ୍ଦ??' ଘର ଭିତରକୁ ପଶିବା ପୂର୍ବରୁ ଶ୍ରୀମତିଙ୍କ ତାଗିଦ୍ ମିଳିଗଲା, ଜୋତା ବାହାରେ ରଖିଆସ, ଗାଧୋଇ ହୋଇପଡ ଟିଫିନ୍ ରେଡି।' ବଙ୍କିବାବୁ ଖୋଦ୍ ସିଆଣିଆ ଲୋକ, କଥାର ଖିଅ ଖୁବ ଧରି ଜାଣନ୍ତି, ସେ ଠିକ୍ ବୁଝିଗଲେ, ଶ୍ରୀମତିଙ୍କ କିଛି ଗୋଟାଏ ନିବେଦନ ଥିବ ନିଶ୍ଚୟ, ନହେଲେ ଏତେ ସକାଳୁ ଉଠି ଜଳଖିଆ କରିଦେଇ ପୁଣି ପୂଜାରେ ବ୍ୟସ୍ତ??? ତଥାପି ନିରୀହ ଶିଶୁଟିଏ ପରି ସେ ସ୍ନାନ ସାରି, ପୋଷାକ ପିନ୍ଧି ଅଫିସ୍ ପାଇଁ ବାହାରିଲା ବେଳକୁ ଟେବୁଲ୍ ଉପରେ ସଫା ରୁମାଲ୍ ଥୁଆ ହେଇଛି, ଆଜି ଆଉ ମାଗିବାକୁ ପଡିଲାନି କି ସକାଳର ଖିଟ୍‌ପିଟ୍ ଶୁଣିବାକୁ ପଡିଲାନି। ପାଖରେ ଟିଫିନ୍ ଭିତରେ ଦିନବେଳାର ଖାଇବା ପ୍ୟାକ୍ କରି ରଖି ଦେଇଛନ୍ତି। ବାବୁ ଜଳପାନ କରି ଘରୁ ବାହାରିବା ପୂର୍ବରୁ ଭଗବାନଙ୍କୁ ସ୍ମରଣ କରିପକାଇଲେ, ମନେ ମନେ ଭାରି ଡରି ପକାଉଥିଲେ, କାଳେ ଶ୍ରୀମତିଙ୍କ କୋଉ ଗୋଟେ ଅଜବ ନିବେଦନ ହୋଇଯିବ। କିନ୍ତୁ ସେମିତି କିଛି ହେଲାନି।

ଅଫିସ୍ ପାଇଁ ବାହାରକୁ ଆସିଲା ବେଳକୁ ପଡୋଶୀ ଦାସ ବାବୁ ବି ଅଫିସ୍ ଯିବାପାଇଁ ତୟାର। ଆଶ୍ଚର୍ଯ୍ୟ, ଯୋଉ ଲୋକ ଅଫିସ୍‌କୁ ଅନ୍ତତଃ ଅଧାଘଣ୍ଟା ଡେରୀରେ ଆସେ ସେ ପୁଣି ଏତେ ଶୀଘ୍ର ତୟାର। ସେମିତି ଦେଖୁ ଦେଖୁ ମାତ୍ର କେଇ ମିନିଟ୍ ମଧ୍ୟରେ ଗଳିର ସମସ୍ତ ଅଫିସରିଆ ବାହାରେ ଠିଆ। ସମସ୍ତେ ସମସ୍ତଙ୍କୁ ଦେଖୁଛନ୍ତି, ଆଉ ମନେ ମନେ ଭାବୁଛନ୍ତି, ଆଜି ଏମିତି ପରିବର୍ତ୍ତନ କେମିତି ହେଲା। ଆଜି ଅଫିସ୍‌ରେ ବି ସମସ୍ତେ ଠିକ୍ ସମୟରେ ପହଞ୍ଚିଯାଇ ବଡବାବୁ ମାନେ ସିମାଦ୍ରୀ ବାବୁଙ୍କୁ ଚମକାଇ ଦେଲେ। ସିମାଦ୍ରୀ ବାବୁ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ, ଏତେ ଦିନର ବଙ୍କା ଲାଙ୍ଗୁଡ ଗୁଡାକ ଆଜି କଣ ଏମିତି ହେଲା ଯେ ସବୁ ସିଧା ହେଇଗଲେ। ମାସରେ ତିନି ଚାରିଥର ନୋଟିସ୍ ଦେବାପରେ ବି ଠିକ୍ ସମୟରେ ନ ଆସିବା ଲୋକମାନେ ଆଜି ସବୁ ସମୟ ପୂର୍ବରୁ ଆସି କାମରେ ପହଞ୍ଚି ଯାଇଛନ୍ତି!!! ବଡବାବୁଙ୍କ ମନକୁ ପାପ ଛୁଇଁଲା। ମନେ ମନେ ଭାବିଲେ, ବୋଧହୁଏ ଆଜି ସମସ୍ତେ ମିଶି ତା'ଙ୍କୁ ଘେରାଉ କରିବେ, କିମ୍ବା ଅଧିକ ବେତନ ଦେବାପାଇଁ ଧମକି ଦେବେ। ତେଣୁ ସେ ଧିରେ ନିଜ କୋଠରୀକୁ ଚାଲିଗଲେ।

ମଧ୍ୟାହ୍ନ ଭୋଜନ ସମୟରେ ବିଚାର ପଡିଲା ଆଜି କାହିଁକି ସବୁ ଯେମିତି ନୂଆ ନୂଆ ଲାଗୁଛି। ସମସ୍ତେ ଯେମିତି କିଛି ନୂଆ ଶକ୍ତି ପାଇ ଯାଇଛନ୍ତି। କଥା ଖୋଲୁ ଖୋଲୁ ଜଣା ପଡିଲା ଆଜି ସମସ୍ତଙ୍କ ଘରେ ଅନୁରୁପ କାର୍ଯ୍ୟକ୍ରମ ମାନ ଘଟିଯାଇଛି। ସମସ୍ତେ ଚକିତ। ବଡବାବୁ ଲୁଚି ଲୁଚି ସବୁ ଶୁଣୁଥିଲେ, ଆଉ ଥୟ ଧରି ରହିପାରିଲେ ନାହିଁ, ଅଗତ୍ୟା ସାମନାକୁ ଆସି ନୁତନଭାବେ ଶକ୍ତି ପାଇଥିବା ବୀର ଅଫିସର ଯୋଦ୍ଧାମାନଙ୍କ ସଭାପତିତ୍ୱ କରିଦେଇ କହିଲେ, 'କଥାଟା ଯେତେ ସରଳ ଲାଗୁଛି, ସେତେ ସରଳ ନାହିଁ। ମୋତେ ଲାଗୁଛି, ଏହା ପଛରେ ନିଶ୍ଚୟ ଭାବେ କୌଣସି କୁଚକ୍ର କାମ କରୁଛି।

ଅର୍ଥାତ୍, ଆମ ଘରେ ସ୍ତ୍ରୀ ମାନଙ୍କର ନବ ଜାଗରଣର କାରଣ ଖୋଜିବାକୁ ହିଁ ହେବ।' ସାଙ୍ଗେ ସାଙ୍ଗେ ସେହି ସଭାରେ ହିଁ ସଭାପତି ସମେତ, କୋଷାଧ୍ୟକ୍ଷ, ସହ ସଭାପତି, ସାଂସଦ ଇତ୍ୟାଦି ପଦବୀପ୍ରାପ୍ତ ପ୍ରାର୍ଥୀ ମନୋନୟନ ହୋଇଗଲେ। ଅପରାହ୍ନରେ ସମସ୍ତ ସରକାରୀ କାମ ବନ୍ଦ ରହିଲା, ଏବଂ ଏହି ଗୁପ୍ତ ରହସ୍ୟରୁ ପର୍ଦାଫାସ୍ କରିବା ପାଇଁ ରୁଦ୍ଧଦ୍ୱାର ବୈଠକ ମାନ ଆୟୋଜିତ ହେବାରେ ଲାଗିଲା। ସନ୍ଧ୍ୟା ହେଉ ହେଉ ଅଧିକାଂଶ ଅଫିସର ନିଜ ନିଜ ଘରକୁ ଫେରିବାକୁ ଅମଙ୍ଗ ହେଲେ। ଅନେକ ଭାବିନେଲେ ଯେ, ଘରେ ନିଶ୍ଚୟ ତାଙ୍କ ପକେଟ୍ ଉପରେ ଆକ୍ରମଣ ହେବାର ଆଶା ରହିଛି, ତେଣୁ ଅନେକେ ବ୍ୟାଙ୍କ୍ ଏଟିଏମ୍‌ରୁ ଟଙ୍କା ନ ଉଠେଇ କାର୍ଡ ଗୁଡାକୁ ଅଫିସ୍ ଡ୍ର'ରେ ରଖିଦେଇ ଚାଲିଗଲେ।

ସନ୍ଧ୍ୟାର ଦୃଶ୍ୟ ସମସ୍ୟାଟିକୁ ଆହୁରି ଜଟିଳ କରି ପକାଇଲା। ସକାଳ ପରି ସନ୍ଧ୍ୟାରେ ମଧ୍ୟ ପତ୍ନୀମାନେ ପତିବ୍ରତା ହେବାର ଅଭିନୟକୁ ଖୁବ୍ ଦକ୍ଷତାର ସହିତ ପ୍ରତିପାଦନ କଲେ। ସୁନ୍ଦର ଭୋଜନ ସହିତ ନିର୍ମଳ ଓ ଚିକ୍କଣ ଶେଯ ସମସ୍ତଙ୍କ ଆଶଂକାକୁ ଦ୍ୱିଗୁଣିତ କରି ଦେଇଥିଲା, କିନ୍ତୁ ଚୁପ୍ ରହିବାକୁ ଶ୍ରେୟସ୍କର ମଣି ସ୍ୱାମୀ ମାନେ କିଛି କହିନଥିଲେ। ଅନେକ ନିଜ ନିଜ ମୋବାଇଲ୍ ଫୋନ୍‌ର ବ୍ୟବହାର ଅନେକ ଦିନପରେ କଲେ, ନିଜ ବନ୍ଧୁମାନଙ୍କୁ ନିଜ ଘର ଖବର ଦେବା ପାଇଁ।

ସକାଳୁ ସକାଳୁ ମର୍ଣ୍ଣିଂ ୱାକ୍ କରି ଫେରିବା ବେଳକୁ, ପୁନଶ୍ଚ ପ୍ରଥମ ଦିନର ପୁନରାବୃତ୍ତି ହେଉଥିଲା। ଯା'ହେଉ ବିବାହର ଦଶଟି ବର୍ଷପରେ ବଙ୍କିବାବୁ ନିଜ ପତ୍ନିଙ୍କ ଏହି ଶାନ୍ତ ସରଳ ରୂପ ଦେଖି ଖୁସି ଯେତିକି ହେଉଥିଲେ, ଅନାବିଷ୍କୃତ ଭବିଷ୍ୟତର ଚିନ୍ତାରେ ସେତେ ଝାଳନାଳ ହେଇ ପଡୁଥିଲେ। ଏହି ପରି ଅବସ୍ଥା ସମସ୍ତଙ୍କର ଥିଲା। ପୁଣି ଆଉ ଦିନଟାଏ ସମସ୍ତେ ଅଫିସ୍‌ରେ ଠିକ୍ ସମୟରେ ପହଞ୍ଚିଗଲେ, କିନ୍ତୁ କେହି ବି କାମ କରିବା ବିଷୟରେ ଚିନ୍ତା କରୁନଥିଲେ। ସିମାଦ୍ରୀବାବୁ ତୁରନ୍ତ ବୈଠକରେ ହାଜର ହେବାପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କଲେ। ସମସ୍ତେ ପ୍ରାୟ ଏକା ରକମର ଉତ୍ତର ଦେଉଥିଲେ, ପ୍ରତ୍ୟେକ ପ୍ରଶ୍ନର। ସିମାଦ୍ରୀବାବୁ କହିଲେ, 'ଯାହା ଜଣା ପଡୁଛି, ଷ୍ଟାର୍ ଟିଭିର ତୁଳସୀକୁ ଦେଖି ଦେଖି ଆମ ସ୍ତ୍ରୀମାନେ ମଧ୍ୟ ସୁଧୁରି ଯାଇଛନ୍ତି।' ବଙ୍କି ବାବୁ କହିଲେ, 'ତୁଳସୀ କଥା ଠିକ୍ ଅଛି, କିନ୍ତୁ ଯଦି ସେମାନେ ଆଉ କାହାକୁ ଅନୁସରଣ କଲେ ତା'ହେଲେ ଆମର କଣ ହେବ?' ସିମାଦ୍ରୀ ବାବୁ କଥାଟା ବୁଝିପାରିଲେ ନାହିଁ, ବଙ୍କି ବାବୁ କହିଲେ, 'ଯଦି ତୁଳସୀ ସ୍ଥାନରେ କଶିଶ୍‌କୁ ଅନୁସରଣ କଲେ ତ ଆମେ ଆଉ କେବେ ପୁଣି ତା'ଙ୍କ ସ୍ୱାମୀ ହେବୁ କିଏ କହିବ?' ସମସ୍ତେ ନିମ୍ନ ସ୍ୱରରେ ବଙ୍କିବାବୁଙ୍କୁ ସପୋର୍ଟ୍ କଲେ।

ଅଫିସ୍ ସାମନାରେ ନାହିଁ ନଥିବା ଭିଡ, ବିଗତ ଦୁଇଦିନ ଧରି କୌଣସି କାମ ହୋଇନାହିଁ, ଅଫିସ୍ ସାମନା ଦେଇ ଯାଉଥିବା ତହସିଲ୍‌ଦାର ବାବୁ ଗାଡି ଅଟକାଇ ଭିତରକୁ ପଶି ଆସି ଦେଖିଲେ ସବୁ କର୍ମଚାରୀ ଏକାଠି ଠୁଳ ତଥାପି ଅଫିସ୍‌ର କାମ ଠପ୍। କଥା ପ୍ରସଙ୍ଗରେ ବଡବାବୁ ସମସ୍ତ କର୍ମଚାରୀଙ୍କ ଆଶଂକାର କାରଣ କହିଲେ, ଏହା ଶୁଣି ତହସିଲ୍‌ଦାର ବାବୁ କହିଲେ, 'ତା'ହେଲେ କଣ କଥାଟା ଏତେଦୂର୍‌କୁ ଗଲାଣି?' ସମସ୍ତେ ବୁଝି ପାରିଲେନି। ତହସିଲ୍‌ଦାର ବାବୁ କହିଲେ, 'ମୁଁ ଭାବୁଥିଲି, ଏଇ ଚିନ୍ତା କେବଳ ଆମ ଅଫିସ୍‌ରେ ଅଛି ବୋଲି, ଦେଖୁଛି ଏଇ ରୋଗଟା ସବୁ ଆଡେ ବ୍ୟାପୀ ଗଲାଣି। ଏଇନା ଥାନା ଆଡେ ଯାଇ ଆସିଲି, ଥାନାବାବୁ ମୁଣ୍ଡ ଧରି ବସିଛନ୍ତି, କହୁଛନ୍ତି, ମୁଣ୍ଡ କାମ କରୁନି।' ସିମାଦ୍ରୀ ବାବୁ ତତ୍‌କ୍ଷଣାତ୍ ଫୋନ୍ ଲଗାଇଲେ ସଚିବାଳୟ, ଆଉ ଚମକି ଉଠି କହିଲେ, 'ସାର୍, ଆପଣଙ୍କ କଥାଟା ସଂପୂର୍ଣ୍ଣ ଠିକ୍, ଏଇ ନ'ତାଲାରୁ ଖବର ମିଳିଛି, କାଲେ ଭୁବନେଶ୍ୱରରେ ବି ଏଇ ବେମାରି ବ୍ୟାପିଛି। ମୋତେ ଲାଗୁଛି ବାର୍ଡ୍ ଫ୍ଲୁ ଭଳି କୌଣସି ଜୀବାଣୁ ଆମ ସ୍ତ୍ରୀ ମାନଙ୍କୁ କାମୁଡି ଦେଇଛି।' ତହସିଲ୍‌ଦାର ବାବୁ ହତବଡେଇ ଯାଇ କହିଲେ, 'ଆଉ କିଛି କୁହନି ସିମାଦ୍ରୀବାବୁ, ମୋତେ ଯାହା ଲାଗୁଛି, ଆମ ପୁରୁଷ ଜାତି ଉପରେ ଘୋର ବିପତ୍ତି ପଡି ଆସିଲାଣି।'

ଏଇ ସମୟର ଫୋନ୍‌ଟା ବାଜି ଉଠିଲା, ଗୋଟିଏ ପରେ ଗୋଟିଏ ସମସ୍ତ କର୍ମଚାରୀଙ୍କୁ ଘରୁ କଡା ତାଗିଦ୍ ଏଇ କ୍ଷଣି ଆସି ଘରେ ପହଞ୍ଚିଯାଅ। ସବୁ ଥରି ଉଠିଲେ। କେହି କେହି ଫୋନ୍ ଧରିବାକୁ ରାଜି ହେଲେନି। ମହାବାତ୍ୟା ସମୟରେ ବି ଏତେ ସାବଧାନତା ଅବଲମ୍ବନ କରା ଯାଇନଥିଲେ। ଠିଆ ଠିଆ ତହସିଲ୍‌ଦାରଙ୍କ ଘରୁ ବି ଫୋନ୍

ଆସିଲା ଆଉ ବାବୁ ଚଂପଟ୍ ହୋଇଗଲେ। ଅଧଘଣ୍ଟା ଭିତରେ ଅଫିସ୍ ବାହାରେ ତାଲା ପକାଇ ଦେଇ ସବୁ ଘରକୁ ଛୁ।

ବଙ୍କିବାବୁ ଘର ଭିତରକୁ ଯିବା ପୂର୍ବରୁ ଅନେକ ପ୍ରକାର ଆଶ୍ଚର୍ଯ୍ୟଜନକ ଶବ୍ଦ ମାନ ଶୁଣିବାକୁ ପାଇଲେ। ଘର ଭିତରେ ପାଦଦେଉ ଦେଉ ସବୁବେଳେ ଭୁକି ଉଠୁଥିବା ସ୍ତ୍ରୀ ଲୋକଟି ଆଜି ଭାରି ଶାନ୍ତ ଲାଗିଲା। ନିଜ ହାତରେ ଗୋଡରୁ ଜୋତା ଆଉ ମୋଜା ଓହ୍ଲାଇ ଦେଇ ଚା' କପ୍‌ଟିଏ ହାତକୁ ଦେଉ ଦେଉକହିଲେ, 'ଏଇ, ଶୁଣ, ତୁମେ ଟିକେ ଶୀଘ୍ର ନୂଆ ଡ୍ରେସ୍ ପିନ୍ଧି ରେଡି ହୋଇଯାଅ। ସେମାନେ ଆସୁଥିବେ ପରା।' 'ସେମାନେ?' ବଙ୍କିବାବୁ ପ୍ରଶ୍ନକଲା ବେଳକୁ ଶ୍ରୀମତି ଚାପା ଗଳାରେ ରାଗଦେଖାଇ କହିଲେ, 'ବେଶୀ ପ୍ରସଂଗ ମୋତେ ଲୋଡା ନାହିଁ, ଯାହା କହିଲି କର।' ବଙ୍କିବାବୁ ଆଶ୍ୱସ୍ତ ହେଲେ, ଯେ ତା'ଙ୍କ ସ୍ତ୍ରୀଙ୍କ ଦେହରୁ ସେ ଜୀବାଣୁ ଉତରି ଯାଇଛି, କିନ୍ତୁ ତଥାପି କିଏ ଆସିବ କିଛି ଜାଣିପାରିଲେ ନାହିଁ, ଅଗତ୍ୟା ଅବାଧ୍ୟ ଶିଶୁଟିଏ ଭଳି, ଫ୍ରେସ୍ ହୋଇ ସୁଟ୍ ପିନ୍ଧି ଅପେକ୍ଷା କଲେ। ଶ୍ରୀମତି ଅନେକ ପ୍ରକାରର ନିର୍ଦ୍ଦେଶ ଦେଉଥାଆନ୍ତି, ଆଉ ବାବୁ ଚୁପ୍‌ଚାପ୍ ବସି ଶୁଣୁ ଥାଆନ୍ତି। ପ୍ରାୟ୍ ଏକ ଘଣ୍ଟା ହୋଇଗଲା, ମା ଏପାଖ ସେପାଖ ହୋଇ ଅଥୟ ହୋଇ ଉଠୁଛନ୍ତି, ବାବୁଙ୍କ ପ୍ରଶ୍ନର ଉତ୍ତର ମିଳୁନଥାଏ।

ଦୁଇ ଘଣ୍ଟା ପରେ ହଠାତ୍ ବଙ୍କିବାବୁଙ୍କ ଘର କଂପାଉଣ୍ଡ ଜନାରଣ୍ୟ ହୋଇ ଉଠିଲା, ହାତରେ କ୍ୟାମେରା ଧରି କିଛି ଲୋକ ବାବୁଙ୍କ ଘର ଭିତରକୁ ପଶିଆସିଲେ। ବାବୁ କିଛି ଭାବିବା ପୂର୍ବରୁ, ଇଣ୍ଟରଭିୟୁ ଆରମ୍ଭ ହୋଇଗଲା। ଅନେକ ପ୍ରଶ୍ନ, ଯେଇମିତି, ଆପଣଙ୍କ ସ୍ତ୍ରୀଙ୍କୁ ଆପଣ କେତେ ଭଲ ପାଆନ୍ତି? ଆପଣଙ୍କ ସ୍ତ୍ରୀ ଆପଣଙ୍କ ମନମୁତାବକ ରୋଷେଇ କରି ଦିଅନ୍ତି କି? ଆପଣ ନିଜ ସ୍ତ୍ରୀଙ୍କୁ କଣ କଣ ଉପହାର ଦେଇଛନ୍ତି? ଆପଣଙ୍କ ସ୍ତ୍ରୀ ସକାଳୁ ସନ୍ଧ୍ୟା ଯାଏଁ କେବଳ ଆପଣଙ୍କ ଚିନ୍ତା କରନ୍ତି କି? ବଙ୍କି ବାବୁ କୌଣସି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଶ୍ରୀମତିଙ୍କ ଶ୍ରୀମୁଖରୁ ଉତ୍ତର ଗୁଡିକ ଝରି ଆସୁଥିଲା, ବାବୁଙ୍କ ବୁଝିବାକୁ ବିଳମ୍ବ ନଥିଲା, ଯେ ଏଇ କିଛି ଦିନର ପତିବ୍ରତା ହେବା ପଛରେ ଶ୍ରୀମତିଙ୍କର କି ଉଦ୍ଦେଶ୍ୟ ଥିଲା। ସେ ତତ୍‌କ୍ଷଣାତ୍ ସିମାଦ୍ରୀ ବାବୁଙ୍କୁ ଫୋନ୍ କଲା ବେଳେ, ଫୋନରେ ବାବୁଙ୍କ କଥା କମ୍ ଆଉ ମେଡମ୍‌ଙ୍କ ଗାଳି ଅଧିକ ଶୁଭୁଥିଲା। ବଙ୍କିବାବୁ ନିଜ ଫୋନ୍‌ଟିକୁ ବନ୍ଦ କରିଦେଇ ନିଜର ଅତି ନିକଟସ୍ଥ ଭବିଷ୍ୟତ କଥା ଚିନ୍ତା କରି ଥରି ଉଠୁଥିଲେ। ସେଇ ସମୟରେ ହଠାତ୍ କ୍ୟାମେରା ତାଙ୍କରି ଆଡକୁ ବୁଲି ଆସିଲା, ଆଉ ସୁନ୍ଦର ଶାଢୀ ପିନ୍ଧିଥିବା ସେଇ ଝିଅଟି ପ୍ରଶ୍ନକଲା, 'ବଙ୍କିବାବୁ, ଆପଣଙ୍କୁ ଆମର କାର୍ଯ୍ୟକ୍ରମ କେମିତି ଲାଗେ?' ବଙ୍କିବାବୁଙ୍କ ମୁଣ୍ଡ ଉପରେ ଚଡେଇ ଘୁରିବାକୁ ଲାଗିଲା, କେଉଁ କାର୍ଯ୍ୟକ୍ରମ? କୋଉ ଟିଭି? ସେ କିଂକର୍ତ୍ତବ୍ୟବିମୂଢ ହୋଇ ସେଇ ଝିଅକୁ ଚାହିଁ ରହିଲେ, ଆଉ କହିଲେ, 'ଗତ କିଛି ଦିନ ହେଲା ଭାରି ଭଲ ଲାଗୁଥିଲା, କିନ୍ତୁ ଆଗକୁ କଣ ଲାଗିବ କହି ହେବନି। ତଥାପି ଆପଣ ଯଦି ବାରମ୍ବାର ଏମିତି ଆମ ଘର ମାନଙ୍କୁ ଆସି ଆମର ଉତ୍ସାହ ବଢାଇବା ପାଇଁ କାର୍ଯ୍ୟକ୍ରମ କରନ୍ତେ, ତ ବହୁତ ଭଲ ଲାଗିଥାଆନ୍ତା।' ଝିଅଟି ମୁହଁରେ କୃତ୍ରିମ ହସର ଧାରଟିଏ ଟାଣିଦେଇ କହିଲା, 'ଆପଣ ହେଉଛନ୍ତି ଆମର ବିଜେତା। ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଁ ଆମେ ଆପଣଙ୍କୁ ଦାର୍ଜିଲିଂର ସବୁଠାରୁ ବଡ ହୋଟେଲ୍‌ରେ ଦୁଇ ଦିନ ଆଉ ତିନି ରାତିର ମାଗଣା କୁପନ ଦେଉଛୁ।' ବଙ୍କିବାବୁ ଶ୍ରୀମତିଙ୍କୁ ଚାହୁଁଥିଲେ, ଶ୍ରୀମତି ପାଟି ଚିପିଦେଇ ଖୁସିକୁ ଦବେଇ ରଖିବାକୁ ଚେଷ୍ଟା କରୁଥିଲେ। କ୍ୟାମେରା ଟିମ୍ ଫେରିଯାଉଥିବା ବେଳେ, ବଙ୍କିବାବୁ ପଚାରିଲେ, 'ଖାଲି ହୋଟେଲ୍‌ରେ ରହଣି ମିଳିବ? ଆଉ ଯିବା ଆସିବା ଖର୍ଚ୍ଚ?' ଝିଅଟି ପୂର୍ବବତ ନିର୍ବିକାର ଭାବରେ କହିଲା, ଆଗାମୀ ପ୍ରତିଯୋଗିତା ବେଳେ ଆପଣଙ୍କୁ ଯିବା ଆସିବା ପାଇଁ ଆମେ ବିନା ମୂଲ୍ୟରେ ବିମାନରେ ଟିକେଟ୍ ଦେବୁ।'

ଝଡ ପରବର୍ତ୍ତୀ ଶାନ୍ତ ବାତାବରଣ ପରି, ଘରଟା ପୁନଶ୍ଚ ଶାନ୍ତ ହୋଇଗଲା। ବଙ୍କିବାବୁ ଘର ଭିତରକୁ ନ ପଶୁଣୁ ଜୋତା ବାହାରେ ରଖି ଆସ ବୋଲି କଡା ଶବ୍ଦ ଶୁଣିଲେ। ପରେ ପରେ, 'ସୁଟ୍‌ଟାକୁ ବାହାର କର, ଆଉ ଦରକାର ନାହିଁ। ଆଲମିରାରେ ରଖିଦିଅ। ମଇଳା ହୋଇଗଲେ, ଦାର୍ଜିଲିଂ ଗଲାବେଳେ କଣ ପିନ୍ଧିବ?' ସେ ଯା'ହେଉ ଦୀର୍ଘ ଦୁଇ ଦିନର ଗୁପ୍ତରହସ୍ୟର ପର୍ଦ୍ଦାଫାସ ହୋଇ ସାରିଥିଲା। ସନ୍ଧ୍ୟାରେ ଶ୍ରୀମତି ମାନେ ମିଶି ଗଳିରେ ଗୋଟିଏ ଚା'ପାନ ଓ ଜଳପାନ ଭୋଜିର ଆୟୋଜନ କଲେ। ସେଇ ଭୋଜିରେ ବଙ୍କିବାବୁ ଛାତି ଫୁଲେଇ କହିଲେ, ମୋତେ ଦାର୍ଜିଲିଂର ସବୁଠୁ ବଡ ହୋଟେଲ୍‌ରେ ରହିବା

ପାଇଁ ପୁରସ୍କାର ମିଳିଛି । ସବୁ ପତିମାନେ ତା'ଙ୍କୁ ଅନାଇ ରହି ହସିଲେ, କହିଲେ ଖାଲି ଆପଣଙ୍କୁ ନୁହେଁ ଆମ ସମସ୍ତଙ୍କୁ ମିଳିଛି । ତେଣେ ସ୍ତ୍ରୀମାନେ ପ୍ଲାନ୍ କରୁଥିଲେ, ଦାର୍ଜିଲିଂ ଗଲେ କଣ କଣ ସପିଂ କରିବେ । ବାବୁ ମାନେ କପ୍‌ରେ ଚା' ଟିକେ ଚୁଟୁମି ଚୁଟୁମି ମନେ ମନେ ହିସାବ କରୁଥିଲେ, ସେମାନେ ଉପହାର ପାଇ ଲାଭରେ ଅଛନ୍ତି ନା କ୍ଷତିରେ ଅଛନ୍ତି ।

ଏଇ ମିଳିଥିବା ସଦ୍ୟ ଖବର ଅନୁଯାୟୀ ଭାରତର ପ୍ରମୁଖ କିଛି ରାଜନୈତିକ ଦଳ ଏହି ଘଟଣାରୁ ରାଜନୈତିକ ଲାଭ ଉଠାଇବା ଆଶାରେ ଏହି ସମସ୍ତ ଘଟଣା ପଛରେ ବିଦେଶୀ ଶକ୍ତି କାମ କରୁଥିବା ଖବରକୁ ନେଇ ପାର୍ଲିଆମେଣ୍ଟ୍ ହୁଲସ୍ଥୁଲ କରିଦେଇଛନ୍ତି ।

## ବିଧବା ଭତ୍ତା

ସଂଜ ଦୀପ ଜାଳିଦେଇ କୁମାରୀ ଘର ଭିତରକୁ ପଶିଯାଉଥିବା ବେଳେ, ହଠାତ୍ ଘର ବାହାରେ ପାଟିତୁଣ୍ଡ ଶୁଣି କ୍ଷଣକେ ଅଟକି ଗଲା । ସବୁଦିନିଆ ଖିଟ୍‌ପିଟ୍ ଶୁଣି ଶୁଣି ସେ ବି ବିରକ୍ତ ହେଲାଣି, କିନ୍ତୁ ନିରୁପାୟ । ଘରେ ଲୋକ ବୋଲି ଦୁଇଜଣ । ସେ ନିଜେ ଆଉ ତା ପୁଅ କୁନା । ଟ୍ୟୁସନ୍ ଯାଇଚି ଯେ ପିଲାଟା ଫେରିଲା ବେଳକୁ ରାତି ଆଠଟା ହେବ । ପଡିଶା ଘରେ ନିତି ଦିନା ଘଟଣା, ମାର୍‌ପିଟ୍ ଗଣ୍ଡଗୋଳ । କାଛ ଉପରେ ଭରାଦେଇ କୁନାବୋଉ ପାଟି କରିକହିଲା, 'ହଇ ହେ ରୁନି ମା', କାହିଁ ପୁଣି ପାଟିତୁଣ୍ଡ କରୁଚ? ଦାଣ୍ଡରେ ନାଁ ପକାଉଚ ଯାହା । ହଇହେ ଘର କଥା ଘରେ ତୁଟେଇ ଦେଉନ । ଏତେ ପାଟିକରୁଚ ଯେ ବାଟରେ ଭୂଆସୁଣୀ ଯାକ ଯାଉଚନ୍ତି ରହି କି କଥା ଶୁଣି ତୁମ ଉପରେ ଏକା ହସୁଚନ୍ତି ।'

କବାଟ ଖଡ ଖଡ ଶବ୍ଦ ଶୁଣି କୁମାରୀ ଘର ବାହାରକୁ ଆସିଲା ବେଳକୁ, ଗାଁ ପୋଷ୍ଟମାଷ୍ଟ୍ରେ ଆସିଚନ୍ତି, ତାର ଧରିକି । ଓଳିଗି ହେଲା ପରେ ବସିବାପାଇଁ ଚଉକିକୁ ଆଗକୁ ଠେଲିଦେଇ ଚୁପ୍‌ଚାପ୍ ଠିଆ ହୋଇରହିଲା, କୁମାରୀ । ମାଷ୍ଟ୍ରେ କହିଲେ, 'ବୁଝିଲୁ ମା' ତୁ ଏବେ ଆଉ ଦୁଃଖରେ ଦିନ କାଟିବୁ ନାହିଁ । ସରକାର ତୋ ଦୁଃଖ ବୁଝିଲେ, ତତେ ଏବେ ବିଧବା ଭତ୍ତା ମିଳିବ ।' କୁମାରୀ ଚମକିପଡିଲା, 'ବିଧବା ଭତ୍ତା । ମାଷ୍ଟ୍ରେ ମୁଁ ତ ବିଧବା ନାଇଁ ।' ମାଷ୍ଟ୍ରେ ସାମାନ୍ୟ ହସି ଦେଇ କହିଲେ, 'ତତେ ଏକା କରିଦେଇ ଚାଲିଗଲା ଯେ, ଦିନେ ଫେରିଲା ନାହିଁ, ଦେଖିବା ପାଇଁ ତୁ ବଞ୍ଚିଚୁ କି ମରିଗଲୁ । କୁନାଟା କଣ କରୁଚି । କିଛି ବୁଝିଲାନି । ତ ସିଏ ବଞ୍ଚିଲେ କେତେ ମଲେ କେତେ । ଦେଖ ସରକାର ବାହାଦୁର ତୋତେ ଦୟାକରି ବିଧବା ଭତ୍ତା ଦେଉଛନ୍ତି । ମନା କରିପାରିବୁନି । ମୁଁ ପରା ଖୋଦ୍ ଯାଇ ଏୟା କରେଇ ଆଣିଛି । କୁମାରୀ ଜାଣି ପାରୁ ନଥିଲା ସେ ଖୁସି ହେବ କି କଣ!!! କିନ୍ତୁ ସେ ଭଲ ଭାବରେ ଦେଖି ପାରୁଥିଲା, ପୋଷ୍ଟ୍ ମାଷ୍ଟ୍ରେଙ୍କ ଆଖି ଆଜି କିଛି ଅଲଗା ଅଲଗା ଲାଗୁଥିଲା । ସବୁ ଦିନେ ତ ସେୟା, ଏକା ପୁଣି ସ୍ୱାମୀହୀନା ସ୍ତ୍ରୀ ଉପରେ ଯେମିତି ସମସ୍ତଙ୍କ ନଜର ଥାଏ । ତା' ଦେହ ସୁହା ହୋଇଗଲାଣି । ସେ କିଛି ଆଉ ଭାବୁନି । ତା ଧ୍ୟାନ ରଖିବା ସ୍ୱାମୀତ ପର କରିଦେଇ ଚାଲିଗଲା, ଆଉ ସଂସାରରୁ ବା କଣ ସେ ଆଶା କରନ୍ତା । ମାଷ୍ଟ୍ରେ ଘର ଭିତରକୁ ଆଖି ବୁଲେଇ ଆଣି କହିଲେ, 'ମା'ଲୋ କୁନାଟା କାଇଁ ଦିଶୁନି?' କୁମାରୀ ମନକୁ ପାପ ଛୁଇଁଲା । କହିଲା ଯଦି କହିଦେବ ସେ ଘରେ ନାହିଁ, ତ ଅନର୍ଥ ହେଇଯିବ । ତେଣୁ ପାଟି କରି କହିଲା, 'କୁନାରେ କୁନା । ଆ' ପୋଷ୍ଟ ମାଷ୍ଟ୍ରେ ବଡବାପା ତୋତେ ଡାକୁଚନ୍ତି ।। ବୋଧହୁଏ ସେ ଘର ଆଡେ ବସି ଖେଳୁଚି ଆଜ୍ଞା ।' ପୋଷ୍ଟମାଷ୍ଟ୍ରେ ଆଉ କିଛି କହିଲେ ନାହିଁ । ଖାଲି ତାଙ୍କ ଆଖି ଯାହା କହୁଥିଲା । ତା'ପରେ କୁମାରୀକୁ ପାଣି ଗିଲାସେ ମାଗିଲେ । ପାଣି ନେଇ ଆସୁଥିବା ବେଳେ କୁମାରୀକୁ ଭିଡି ଧରିଲେ ସେ । କୁମାରୀ ଚିତ୍କାର କରିବାପାଇଁ ଚାହୁଁଥିଲେ ମଧ୍ୟ ପୋଷ୍ଟ ମାଷ୍ଟ୍ରେ କହିଲେ, 'ଚିଲ୍ଲେଇଲେ, ସବୁ ଆସିବେ, ତୋତେ ଛି ଛାକର କରିବେ । କହିବେ ବିଧବାଟେ ହେଇ କି ସବୁ ମରଦ ଉପରେ ଆଖି ପକାଉଚୁ । ମୁଁ ତ ବଡଲୋକ । ତୋର କଣ ହେବ??' କୁମାରୀ କ୍ରୋଧରେ ଫାଟି ପଡୁଥିଲା, ଚାରି ଆଡ ଅନ୍ଧାର ଦିଶୁଥିଲା । ପୋଷ୍ଟମାଷ୍ଟ୍ରେଙ୍କ ହାତ ଦିଟା ତା ଦେହର ଭୂଗୋଳ ପଢିବାକୁ ଉଦ୍ୟତ ହେଉଥିଲେ । ହଠାତ ପାଣି ଗିଲାସରେ ଥିବା ବଳକା ପାଣିକୁ ମାଷ୍ଟ୍ରେଙ୍କ ମୁହଁକୁ ଫିଙ୍ଗିଦେଇ ସେଇ ଗିଲାସରେ ମାଷ୍ଟ୍ରଙ୍କ ହାତକୁ ହାଣି ଦେଲା ସେ । ମାଷ୍ଟ୍ରଙ୍କ ହାତ ଢିଲା ପଡିଗଲା, ସେ ନିଜକୁ ଦୁରେଇ ଦେଇ କହିଲା, 'ମାଷ୍ଟ୍ରେ ମୁଁ ବଦନାମ ହେବି ସତ କିନ୍ତୁ ତୁମକୁ ଛାଡିବିନି । ଆଉ କବାଟ କଣରେ ଥିବା କିଳାଠେଙ୍ଗାକୁ ଧରି ମାଷ୍ଟ୍ରଙ୍କୁ ପାହାର ପକାଇଲା ବେଳକୁ ମାଷ୍ଟ୍ରେ ପ୍ରାଣ ବଞ୍ଚାଇ

ଦଉଡିଗଲେ। କୁମାରୀ ଭାରି କାନ୍ଦିଲା। ଦୁଆର ମୁହଁରେ ବସି ରହିଲା। ମନେ ମନେ ଚିନ୍ତା କଲା ଗାଁ ଛାଡି ଚାଲିଯିବ।

ଦୁଆର ପାଖରେ ବସିଥିବା ବେଳେ, ଗାଁ ୱାର୍ଡ ମେମ୍ବର ଶତପଥୀବାବୁ ଆସିଲେ। କହିଲେ 'କଣ ମୁହଁସଞ୍ଜଟାରେ ଦୁଆରେ ବସିଚୁ। ରନ୍ଧାରନ୍ଧି କିଛି କରିବୁନି କି?' କୁନା ବୋଉ ପଥର ପରି ବସିଥିଲା। ଶତପଥୀଏ ପାଖକୁ ଆସି କହିଲେ, 'ତୋ ଦୁଃଖ ବୁଝୁଚି। ଏକା ମଣିଷଟା, କେତେ ଖଟିବୁ। ପିଲାଟା ତ ଦିନକୁ ଦିନ ବଡୁଛି ପୁଣି, ତା ପେଟ ପୋଷିବୁ ନା ନାହିଁ। ଜମିବାଡି ବୋଲି ତ ହାତେ ଜାଗା ଛାଡି ଗଲାନି। ତୁ କେମିତି ଜୀବନ ସାରା ଚଳିବୁ। ତୋ ଦୁଃଖ ଦେଖି ସରକାରଙ୍କୁ କହି ତୋ ପାଇଁ ବିଧବା ଭତ୍ତାର ବ୍ୟବସ୍ଥା କରିଦେଲି। ଯେ '

କୁମାରୀ ଶତପଥୀଙ୍କୁ ଚାହିଁଲା, ସେଇ ଦେହଭୁକିଲା ପିଶାଚ ପରି ମୁହଁଟା ଦିଶିଲା। ସେ ପ୍ରଶ୍ନିଳ ନୟନରେ ଶତପଥୀଙ୍କୁ ଚାହିଁ ରହିଲା। 'ତୁ ଯଦି ଟିକେ ମୋତେ ସାହାଯ୍ୟ କରିବୁ, ବୋଇଲେ ଯାହା।' ଶତପଥୀ କହିଲେ। 'ସାହାଯ୍ୟ?' କୁମାରୀ ପ୍ରଶ୍ନକଲା। ଶତପଥୀଏ କହିଲେ, 'ତୁ ତ ଜାଣିଚୁ, ତୋ ନାନୀ (ଶତପଥୀଙ୍କ ସ୍ତ୍ରୀ) ମା ଘରକୁ ଯାଇଛି, ଘରଟା ଅସନା ହେଇ ପଡିଚି, ଆସନ୍ତୁ ଟିକେ ସଫା ସୁତରା କରିଦେନ୍ତୁ, ଆଉ ମୋ କାମ ଟିକେ କରି ଦେନ୍ତୁ ବୋଇଲେ ବିଧବା ଭତ୍ତା କଣ? ତା'ଠୁ ଡବଲ୍ ଟଙ୍କା ମୁଁ ତତେ ଦିଅନ୍ତି ନି?'

କୁମାରୀ ଠିକ୍ ଜାଣିପାରୁଥିଲା, ମେମ୍ବରଙ୍କ ମତଲବ। ହସିଦେଇ କହିଲା, 'ଭାଇନା, ନାନୀ ଥିଲା ବେଳେ ତ ଦିନେ ମନେ ପକାଇଲ ନାହିଁ? ଏବେ କିଆଁ ମନେ ପକଉଚ। ନାନୀ ଆସିଲେ ମୁଁ ଖୋଦ୍ ଯିବି ଆଉ ନିଜେ ସବୁ କାମ କରି ଦେଇ ଆସିବି ନି? ଆଉ ରହିଲା କାମଧାମ କଥା ତ? ଇଏ ମୁଁ ନଖୀନାନୀ (ଲକ୍ଷ୍ମୀ ନାନୀ)ଙ୍କୁ କହିଦେବି ସିଏ ଯାଇ କାମ ସବୁ କରିଦେଇ ଆସିବେ। ଶତପଥୀଏ ଜାଣିଗଲେ, ଏଇଠି ତାଙ୍କ କାରସାଦି ଚଳିବନାହିଁ। ମୁହଁ ସଞ୍ଜବେଳତା ଦାଣ୍ଡ ବି ଶୁନ୍‌ଶାନ୍ ହେଲାଣି ଦେଖି, କୁମାରୀର ହାତକୁ ଧରି ପକାଇ କହିଲେ, 'ତୁ କଣ କିଛି ବୁଝୁନୁ? ହଇଲୋ ତୋ ଭଲ ପାଇଁ ଯାହା କହୁଚିନା? ମରଦଟା ଘରଛାଡି ଗଲା ଯେ। ଆଇଲା ନାହିଁ। ଆଉ କାହାକୁ ଆଶା କରିବୁ କହ?' କୁମାରୀ ଶତପଥୀଙ୍କ ମୁହଁକୁ ଚାହିଁ ସାମାନ୍ୟ ହସିଦେଲା। ଶତପଥୀଙ୍କ ହାତ ଆହୁରି ଶକ୍ତ ଭାବରେ କୁମାରୀ ହାତକୁ ଧରିଲା ବେଳକୁ, ଅନ୍ୟ ହାତରେ ଧରିଥିବା ଗିଲାସରେ ହାଣିଦେଲା। ଶତପଥୀଏ ଛଟପଟ ହୋଇ ଚାଲିଗଲେ। ସଞ୍ଜ ଦୀପ ଜଳିଲା ବେଳକୁ ଗାଁ ଦାଣ୍ଡ ପୁରା ଶୁନ୍‌ଶାନ ହେଇଗଲା। ଦୁରରୁ ଦେଖିଲା କୁନା ଆସୁଚି। କୁମାରୀ ମନରେ ଦମ୍ଭ ଆସିଲା। ଘର ଭିତରକୁ ପଶିଗଲା, ଚୁଲିରେ ନିଆଁ ଲଗାଇବା ପାଇଁ, ସଞ୍ଜବେଳର ଘଟଣା ସବୁ ମନରେ ଘୁରି ବୁଲୁଥିଲା। ସକାଳର ଭାତ ଆଉ ଭଜାକୁ ଗରମ କରିଦେଇ କୁନାକୁ ଖୁଆଇ ଦେଲା। ନିଜେ କିଛି ଖାଇଲା ନାହିଁ। ମନକୁ ପାପ ଛୁଇଁଲା। ସଞ୍ଜର ଘଟଣା ସବୁ ମନକୁ ଘାରି ଦେଉଥିଲା। ରାତି ଅନ୍ଧାର ହେଲାଣି। ଘରୁ ବାହାରି ଚାଲିଲା ଶତପଥୀଙ୍କ ଘରକୁ। ଶତପଥୀଏ କୁମାରୀକୁ ଦେଖି ବଡ ବଡ ଆଖିରେ ଚାହିଁଲେ। ତା'ଙ୍କ ପାଦତଳେ ପଡି କୁମାରୀ କହିଲା, 'ଆଜ୍ଞା ମୋର ଭୂଲ ହୋଇଗଲା। ଆପଣ ମୋ ପାଇଁ ଏତେ କାମ କଲେ। ' ଶତପଥୀ ହାତ ବଡାଇ କୁମାରୀକୁ ଧରି ଘର ଭିତରକୁ ଟାଣି ନେଲେ। ସେଇଠି କୁମାରୀ ଦେଖିଲା, ପଡିଶା ଘର ରୁନିବୋଉକୁ, ଅସଜ୍ଜିତ ଅବସ୍ଥାରେ। ପଚାରିଲା, 'ରୁନି ବୋଉ, ତୁମପାଇଁ ବି ବିଧବା ଭତ୍ତା କରେଇ ଦେଇଚନ୍ତି ଆଜ୍ଞା?' ରୁନି ବୋଉ କିଛି ବୁଝିବା ଆଗରୁ ଅଣ୍ଟାତଳେ ରଖିଥିବା ଛୁରୀରେ କୁମାରୀ ଶତପଥୀଙ୍କ ଉପରକୁ ଡେଇଁପଡିଲା। କିଛି ସମୟ ମଧ୍ୟରେ ଘରଟା ନିଶବ୍ଦ ହୋଇଗଲା। ରୁନିବୋଉର ହାତ ଧରି ଟାଣି ଆଣିଲା କୁମାରୀ। ଦିହେଁ ପୋଖରୀ ତୁଠ ପର୍ଯ୍ୟନ୍ତ ଗଲେ ଆଉ ରାତି ଅଧରେ ପୋଖରୀରେ ମୁଣ୍ଡ ଧୋଇ ଚାଲିଆସିଲେ। ଫେରିବା ବେଳେ, କୁମାରୀ କହିଲା, 'ରୁନି ବୋଉ, ତୁମେ ଘରକୁ ଯାଅ। ମୋର ଆଉଟିକେ ହିସାବ ବାକି ରହିଛି।'

ସକାଳୁ ସକାଳୁ ଗାଁ ଦାଣ୍ଡ ଉଠିଲା ପଡିଲା। ପୁଲିସ ଗାଡି ଘନ ଘନ ଚକ୍କର ମାରିଲାଣି। ଗାଁରେ ଦୁଇ ଦୁଇଟା ହତ୍ୟାକାଣ୍ଡ ଘଟିଯାଇଥିଲେ ବି କେହି ଏହାର ସୁରାକ୍ ପାଇନାହାନ୍ତି? ପୁଲିସ କୁକୁର ହତ୍ୟାଥାନରୁ ପୋଖରୀ ପର୍ଯ୍ୟନ୍ତ ଯାଇ ଫେରି ଆଇଲା। କିଛି ସୁରାକ ମିଳିଲା ନାହିଁ। କୁନା ବୋଉ ଦୁଆରେ ବସି କହୁଥିଲା, 'ରୁନି ବୋଉ ହେ, କି ଯୁଗ ହେଲା ସତେ, ଏତେ ସୁନ୍ଦର ଦିଣ୍ଡା ମଣିଷ ଗୁଡାକୁ କିଏ ମାରିବ କିଆଁ?

କାଆର କିସ କରିଥିଲେ ସତେ କେଜାଣି। କାଲି ସଞ୍ଜବେଳକୁ ଆମ ଦୁଆରେ ଠିଆ ହେଇ କହିଥିଲେ ମୋ ପାଇଁ ବିଧବା ଭତ୍ତା କରିଦେଇଚନ୍ତି ବୋଲି। କେତେ ଭଲ ଲୋକ ସିଏ, ଏତେ ଭଲ ଲୋକଙ୍କୁ କିଏ ମାରିଲା କେଜାଣି?'

## ଡାକ୍ତର ଶ୍ରୀ ସହଦେବ ସ୍ୱାଇଁଙ୍କ ସହ କିଛି ମୁହୂର୍ତ୍ତ

୨୮ ଡିସେମ୍ବର ୨୦୦୬, ସକାଳ ପ୍ରାୟ ଦଶଟା ସମୟରେ ମୋ ମୋବାଇଲ୍‌ରେ ଏକ ଫୋନ୍ ଆସିଲା। ସେପାଖରୁ ଜଣେ ଭଦ୍ର ଲୋକ ପଚାରିଲେ, "ଆପଣ ତ ଜ୍ୟୋତି ପ୍ରସାଦ ପଟନାୟକ କହୁଛନ୍ତି?" କଣ୍ଠସ୍ୱର ଅଚିହ୍ନା ଲାଗୁଥିଲେ ହେଁ ନରମ ସ୍ୱର କାହିଁକି କେଜାଣି ପରିଚିତ ପରିଚିତ ପରି ଲାଗିଥିଲା ସେ ପୁଣି କହିଲେ, "ମୁଁ ତ ସହଦେବ ସ୍ୱାଇଁ କହୁଛି।" ବର୍ତ୍ତମାନ ଆଉ କିଛି ଜାଣିବାକୁ ବାକି ନଥିଲା। ଯେଉଁ ଭଦ୍ରବ୍ୟକ୍ତିଙ୍କ ସହ ସାକ୍ଷାତ କରିବା ପାଇଁ ମୁଁ ବିଗତ ପ୍ରାୟ ଚାରିମାସରୁ ଅଧିକ ସମୟ ଅପେକ୍ଷା କରିଥିଲି, ସେ ନିଜେ ମୋତେ ଫୋନ୍ କରିଥିଲେ। ଅବଶ୍ୟ ଅଧିକ ସମୟ କଥା ହୋଇ ପାରିଲିନି। ସଂଧ୍ୟା ଛଅଟା ସମୟରେ ସାକ୍ଷାତ କରିବାପାଇଁ କହି ସେ ଫୋନ୍ ବନ୍ଦ କଲେ। ହଠାତ୍ ତ ନୁହେଁ କାରଣ ଅନେକ ଆଗରୁ ସେ ହିଁ ଇଙ୍ଗିତ କରି ଦେଇଥିଲେ ଯେ ସେ ସମ୍ଭବତଃ ଡିସେମ୍ବର ମାସର ଶେଷ ସପ୍ତାହରେ ବ୍ରହ୍ମପୁର ଆସିବେ ବୋଲି, କିନ୍ତୁ କାହିଁକି କେଜାଣି ଭାରି ବିଚଳିତ ଲାଗିଥିଲା।

ଜଣେ ବ୍ୟକ୍ତି ଯେ ଅନେକ ଦୂର ବ୍ରିଟେନ୍‌ରୁ ଆସୁଛନ୍ତି, ନିଷ୍ଚୟ ନିଜ ପରିବାରକୁ ନେଇ ଆସୁଥିବେ, ସେଇଥିରେ ପୁଣି ସେ ଆମପାଇଁ ସମୟ ବାହାର କରିବେ, ଏହା ହଜମ ହେଉନଥିଲା। ତଥାପି କିଛି ସହକର୍ମୀଙ୍କ ପରାମର୍ଶ ନେଇଥିଲି। ଅନେକ କହିଲେ, "ଯାଅ, ଦେଖା କର। ଏତେ ଦୂରରୁ ଆସିଛନ୍ତି। ନିଷ୍ଚୟ ସେ ଭାରୀ ବ୍ୟସ୍ତ ଥିବେ, ଦଶ ମିନିଟ୍‌ରେ ତୁମକୁ ବିଦା କରିଦେବେ।" କେହି କେହି କହିଲେ, "ସେ ଏତେ ବଡ ଜାଗାରୁ ଆସିଛନ୍ତି, ସେ କାହିଁକି ତୁମ ଏଇ ସାମାନ୍ୟ ପତ୍ରିକା ବିଷୟରେ ପଚାରିବେ, ହଁ ତୁମେ ଜଣେ ଡାକ୍ତର ଆଉ ସେ ବି, ସେଇ ଦୃଷ୍ଟିରୁ ବୋଧହୁଏ ତୁମ ମନ ରଖିବା ପାଇଁ ସେ ସାକ୍ଷାତ କରିବାକୁ ରାଜି ହୋଇଥିବେ।" ସେ ଯା'ହେଉ ନା କାହିଁକି, ସ୍ଥିର କରାଗଲା ଯେ ସଂଧ୍ୟାରେ ଆମର ଯେଉଁ ସହକର୍ମୀ ଭାଇମାନଙ୍କର କିଛି କାମ ନଥିବେ ସେ ମାନେ ଆମ ସହିତ ଯିବେ। ସଂଧ୍ୟା ସାଡେ ଛଅଟା ପର୍ଯ୍ୟନ୍ତ ଅପେକ୍ଷା କରିବାପରେ ଆମେ ତିନିଜଣ, ଶ୍ରୀ ଦିଲ୍ଲିପ ସାହୁ, ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଓ ମୁଁ ଏକାଠି ଗଲୁ।

ପ୍ରଥମେ ସହଦେବ ବାବୁଙ୍କୁ ଦେଖିଲା ପରେ ସେ କିଛି ଅଜଣା ବା ଅପରିଚିତ ପରି ଲାଗିଲେନି। ଅନେକ ଦିନରୁ ବିଦେଶରେ ରହିବା ସତ୍ତ୍ୱେ, ସେ ଆମକୁ ଖାଣ୍ଟି ଓଡିଆ ଭାଇଟିଏ ପରି ଲାଗିଲେ। ତାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ସାମାନ୍ୟତମ ଅସହଜତା ଲାଗିଲା ନାହିଁ।

ସଂକ୍ଷେପରେ ଡାକ୍ତର ଶ୍ରୀ ସହଦେବ ସ୍ୱାଇଁ

ଜନ୍ମ ବ୍ରହ୍ମପୁର ସଂଲଗ୍ନ ଏକ ଛୋଟ ଗାଁରେ, ପାଠପଢା ସବୁ ବ୍ରହ୍ମପୁରରେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରୁ ଡାକ୍ତରୀ ଡିଗ୍ରୀ ହାସଲ କରିବାପରେ, ଉଚ୍ଚଶିକ୍ଷା ପାଇଁ ସେ ପ୍ରଥମେ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଭେଷଜ ମହାବିଦ୍ୟାଳୟ, ପରେ ପଣ୍ଡିଚେରୀ, ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିବା ସହିତ ଜୀବିକା ନିର୍ବାହ କରିଥିଲେ। ହଠାତ୍ ଦିନେ ସେ ନିଜକୁ ଆବିଷ୍କାର କଲେ ସୁଦୁର ବ୍ରିଟେନ୍‌ର ଏକ ସ୍ୱନାମଧନ୍ୟ ସହରର ହାସପାତାଳରେ। ସେହିଠାରେ ଅବସ୍ଥାନ ସମୟରେ ସେ ପୁନଷ୍ଚ ଜେନେରାଲ ପ୍ରାକ୍ଟିସନର୍ ଶିକ୍ଷା ଗ୍ରହଣ କରି ସଂପ୍ରତି କାର୍ଯ୍ୟରତ।

ଅତୀତରେ ଅନେକ ଜନମଙ୍ଗଳ କାର୍ଯ୍ୟରେ ନିବୃତ୍ତ ସ୍ୱାଇଁ ବାବୁ ଆମପାଇଁ ଏକ ଉଦାହରଣ। ବିଗତ ଅନେକ ମାସରୁ ଆମର ପ୍ରତୀକ୍ଷାର ସୁଫଳ ସ୍ୱରୂପ ସ୍ୱାଇଁ ବାବୁଙ୍କ ସହ ସାକ୍ଷାତକାର ଓ ତାଙ୍କରି ଠାରୁ ଆମ କାର୍ଯ୍ୟକ୍ରମକୁ ଆଗେଇ ନେବାର ନୂତନ ଉତ୍ସାହ ମିଳିବା ଆମ ପାଇଁ ଆଶୀର୍ବାଦ ସ୍ୱରୂପ। ଅବଶ୍ୟ ସେ ବ୍ରହ୍ମପୁରରୁ ବ୍ରିଟେନ୍

ପ୍ରତ୍ୟାବର୍ତ୍ତନ ପରେ ଆମକୁ ଆର୍ଥିକ ସାହାଯ୍ୟ ଆକାରରେ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଛନ୍ତି, କିନ୍ତୁ ସର୍ବୋପରି ସ୍ୱାଇଁବାବୁଙ୍କ ଉତ୍ସାହଜନକ କଥା ସବୁ ଆମପାଇଁ ସର୍ବଦା ମନେ ରଖିବା ଯୋଗ୍ୟ ହୋଇ ରହିବ।

# ସଲ୍ୱା ଜୁଡୁମ୍

ଈଶ୍ୱର ପଟ୍ଟନାୟକ

'ସଲ୍ୱା ଜୁଡୁମ୍' ଏକ ଆଦିବାସୀ ଭାଷାରୁ ଉଦ୍ଧୃତ। ଏହାର ଅର୍ଥ ହେଉଛି ଶାନ୍ତି ଅଭିଯାନ। ଛତିଶଗଡ ରାଜ୍ୟରୁ ଏହାର ସୃଷ୍ଟି। ୨୦୦୫ ମସିହାରୁ ଗଠିତ ଏହି ସଲ୍ୱା ଜୁଡୁମ୍ ବହୁ ବାଧା ବିଘ୍ନ ମଧ୍ୟରେ ଗତି କରି ଆଜି ଆଦିବାସୀଙ୍କୁ ଏକତ୍ରିତ କରିବାରେ ବିଶେଷ ସଫଳତା ହାସଲ କରି ପାରିଛି। ଏହି ସଂଗଠନ ଜରିଆରେ ଆଦିବାସୀମାନେ ନକ୍ସଲମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ସାହାସ କରିଛନ୍ତି। ଗୋଟିଏ ପକ୍ଷରେ ଶାନ୍ତିର ବାର୍ତ୍ତା ପ୍ରେରଣ କରୁଥିବା ଏହି ସଂଗଠନ ଅପରପକ୍ଷରେ ନକ୍ସଲଙ୍କ ସହ ଗୁଳି, ବାରୁଦରେ ଲଢିବା ପାଇଁ ମଧ୍ୟ ଅଣ୍ଟା ଭିଡିଛିଂ ଚଳିତ ଡିସେମ୍ବର ୧୯ ତାରିଖ ଦିନ ସଲ୍ୱା ଜୁଡୁମ୍ର ଆହ୍ୱାନରେ ଦାନ୍ତେୱାଡା ଜିଲ୍ଲା ସଦର ମହକୁମାରେ ଲକ୍ଷାଧିକ ଆଦିବାସୀଙ୍କ ସମାବେଶ ହୋଇଥିଲା। ନକ୍ସଲପନ୍ଥୀଙ୍କୁ ମୂଳପୋଛ କରିବା ପାଇଁ ସଂକଳ୍ପ ନିଆଯାଇଥିଲା ଏହି ସମାବେଶରେ।

ଛତିଶଗଡର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କ ଅମଳରେ ଆରମ୍ଭ ହୋଇଥିବା ଏହି ସଲ୍ୱା ଜୁଡୁମ୍ କାର୍ଯ୍ୟକ୍ରମରେ ବହୁ ପରୀକ୍ଷା ନିରୀକ୍ଷା ପରେ ଏହାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ଆଦିବାସୀଙ୍କ ଉତ୍ସାହ ଓ ସାହସିକତା ଦେଖି ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ସ୍ଥିର କରିଥିଲା ବର୍ତ୍ତମାନର ଭାଜପା ସରକାର। ବିଭିନ୍ନ ଗ୍ରାମବାସୀଙ୍କୁ ନେଇ ପ୍ରତିଷ୍ଠା କରାଗଲା ବେସ୍କ୍ୟାଂପ। ବର୍ତ୍ତମାନ ସୁଦ୍ଧା ୨୦ଟି ବେସ୍କ୍ୟାଂପରେ ପ୍ରାୟ ୪୦ଅ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ରହୁଛନ୍ତି। ପ୍ରତ୍ୟେକ ବେସ୍କ୍ୟାଂପରେ ହଜାର ହଜାର ଆଦିବାସୀଙ୍କୁ ଅଏକତ୍ର ରଖାଯାଇ ସଶସ୍ତ୍ର ପୁଲିସ୍ ବେସ୍କ୍ୟାଂପରେ ରହୁଥିବା ଆଦିବାସୀ ଯୁବକ ଯୁବତୀଙ୍କୁ ଅସ୍ତ୍ରଶସ୍ତ୍ର ଚାଳନାର ତାଲିମ ପ୍ରଦାନ କରାଯାଉଛି। ତାଲିମ୍ ପ୍ରାପ୍ତ ଆଦିବାସୀଙ୍କୁ ସ୍ୱତନ୍ତ୍ର ପୁଲିସ୍ ଅଧିକାରୀ (ଏସ୍ ପି ଓ)ଅର ମାନ୍ୟତା ଦିଆଯାଇ ସେମାନଙ୍କୁ ମାସିକ ୧୫୦୦ ଟଙ୍କା ପାରିଶ୍ରମିକ ଦିଆଯିବାର ବ୍ୟବସ୍ଥା କରାଯାଉଛି। ନକ୍ସଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବେଳେ ପୁଲିସ୍ ଯବାନଙ୍କ ସମେତ ଏହି ଏସ୍ପିଓ ମାନେ ଅଂଶଗ୍ରହଣ କରିଥାନ୍ତି।

## ନକ୍ସଲ ବିରୋଧୀ ସମାବେଶ

ପବିତ୍ର ଦନ୍ତେଶ୍ୱରୀ ଦେବୀଙ୍କ ପୀଠ ତଥା ଛତିଶଗଡର ଏକ ଅନନ୍ୟ ଦର୍ଶନୀୟ ସ୍ଥାନ ଦନ୍ତେୱାଡା ସହର। ଶୀତୁଆ ପାଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଦନ୍ତେୱାଡା ସହରର ମଧ୍ୟଭାଗରେ ଥିବା ଦନ୍ତେଶ୍ୱରୀ ମନ୍ଦିର ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାରେ ବେଶ ସଫଳ। ମନ୍ଦିର ପାର୍ଶ୍ୱରେ ବୋହିଯାଇଛି ଶଂଖନି ନଦୀ। ଏକଦା ନକ୍ସଲମାନେ ଆଧିପତ୍ୟ ଜମେଇଥିଲେ ଏହି ଦନ୍ତେୱାଡା ସହର ସମେତ ସମଗ୍ର ଜିଲ୍ଲାରେ। ଡିସେମ୍ବର ୧୯ ତାରିଖ ଦିନ ୧୨ଟା ବେଳେ ଦନ୍ତେୱାଡା ସହର ଲୋକାରଣ୍ୟରେ ପରିଣତ ହୋଇ ସାରିଥିଲା। ସ୍ୱାଧୀନତା ସଂଗ୍ରାମର ରୂପ ଏହିଦିନ ଦନ୍ତେୱାଡାରେ ଦେଖିବାକୁ ମିଳିଥିଲା। ଆଦିବାସୀମାନେ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ପାଇଁ ଦାବି କରିଥିଲେ। ସେମାନଙ୍କ ଏହି ଅଧିକାରକୁ ଛିନ୍ନ କରିଥିବା ନକ୍ସଲଙ୍କୁ ଖୋଲାଖୋଲି ବିରୋଧ କରି ରାଜ୍ୟ ତଥା ଦେଶ ଛାଡି ଚାଲିଯିବାକୁ ଚେତାବନୀ ଦେଇଥିଲେ। ଦୁଇବର୍ଷ ପୂର୍ବେ ଯେଉଁ ଦନ୍ତେୱାଡା ଜିଲ୍ଲା ନକ୍ସଲଙ୍କ କବ୍ଜାରେ ରହିଥିଲା ସେଠାରେ ଲକ୍ଷାଧିକ ସଲ୍ୱା ଜୁଡୁମ୍ର ସଦସ୍ୟଙ୍କ ସମାଗମ ଏହି ଚିତ୍ରକୁ ପରିବର୍ତ୍ତନ କରିଦେଇଥିବା ସ୍ପଷ୍ଟ ବାରି ହୋଇଥିଲା। ସମାବେଶରେ ଆଦିବାସୀମାନେ ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସରକାରଙ୍କ ତରଫରୁ କେବଳ ସେମାନଙ୍କ ଯାତାୟତ ପାଇଁ ଗାଡିର ବ୍ୟବସ୍ଥା କରାଯାଇଥିଲା, ଏପରିକି

ସେମାନଙ୍କ ଖାଇବା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ଏଠାରେ ନଥିଲା।

ସମୂହ ସ୍ୱାର୍ଥ ପାଇଁ ସମସ୍ତେ ଏକଏହି କାର୍ଯ୍ୟକ୍ରମ ପାଇଁ ବହୁ ଦୂରଦୂରାନ୍ତରୁ ହଜାର ହଜାର ଟ୍ରକ୍, ମାଟାଡୋର୍, ଜିପ୍ରେ ଆଦିବାସୀମାନେ ଦନ୍ତେୱାଡା ଠାରେ ସମାବେଶ ପୂର୍ବଦିନ ପହଞ୍ଚିଥିଲେ। ଦିନ ପ୍ରାୟ ୧୧ଟା ବେଳେ ଦନ୍ତେୱାଡା ସହରରୁ ପ୍ରାୟ ୩ କିମି ଦୂରରେ ସମସ୍ତେ ଏକତ୍ରିତ ହେବା ପରେ ସଭାମଣ୍ଡପ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ

ପହଞ୍ଚିଥିଲେ । ଶାସକ ଦଳ, ବିରୋଧୀ ଦଳର ନେତା, ଉପନେତା, ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସମସ୍ୟାବେଳେ ଦଳ, ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ବୋଲି ଏହି ସମାବେଶରୁ ପ୍ରମାଣିତ ହୋଇଥିଲା। ଶୋଭାଯାତ୍ରା ଏବଂ ସାଧାରଣ ସଭା ଅବସରରେ ଆଦିବାସୀ ସଦସ୍ୟମାନେ ମଥାରେ ସଲ୍‌ୱା ଜୁଡୁମ୍ ଲିଖିତ ଟୋପି, ହାତରେ ଧଳା ପତାକା ଓ ବ୍ୟାନର୍ ଧରିଥିଲେ। ଆଦିବାସୀମାନେ ପାରଂପରିକ ଧନୁ, ତୀର, ଠେଙ୍ଗା, ଟାଙ୍ଗିଆ ଭଳି ଅସ୍ତ୍ରଶସ୍ତ୍ର ଧାରଣ କରିଥିଲେ। ଶୋଭାଯାତ୍ରା ବେଳେ ନକ୍ସଲ ବିରୋଧୀ ସ୍ଲୋଗାନ୍ ମାନ ଦିଆଯାଇଥିବା ବେଳେ ସଲ୍‌ୱା ଜୁଡୁମ୍ ଜିନ୍ଦାବାଦ, ସମସ୍ତେ ଏକ ହୋଇ ସଲ୍‌ୱା ଜୁଡୁମ୍ ଆନ୍ଦୋଳନକୁ ସଫଳ କରିବା ଆଦି ସ୍ଲୋଗାନ୍ ଦିଆଯାଇଥିଲା। ଦନ୍ତେୱାଡାକୁ ସଂଯୋଗ କରୁଥିବା ସମସ୍ତ ମୁଖ୍ୟ ସଡକ ତଥା ସମଗ୍ର ଦନ୍ତେୱାଡା ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ପୁଲିସ ଅଧିକାରୀମାନେ ମୋଟର ସାଇକେଲ୍‌ରେ ପେଟ୍ରୋଲିଂ କରୁଥିବା ବେଳେ ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିଲା। ମୁଖ୍ୟରାସ୍ତାରେ ଯବାନମାନେ ଚାଲି ଚାଲି ପେଟ୍ରୋଲିଂ କରିବା ସହ କଲ୍‌ଭର୍ଟ୍ ଗୁଡିକରେ ଯବାନମାନେ ମୁତୟନ ହୋଇଥିଲେ। ଦନ୍ତେୱାଡା ହାଇସ୍କୁଲ୍ ପଡିଆଠାରେ ସାଧାରଣ ସଭାର ଆୟୋଜନ ହୋଇଥିଲା। ସଭାରେ ଛତିଶଗଡ ସରକାରଙ୍କ ବନ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ବ୍ରଜମୋହନ ଅଗ୍ରୱାଲ୍, ଭାଜପା ଦଳର ନେତା ତଥା ସାଂସଦ ବଳିରାମ କଶ୍ୟପ, ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ବିରୋଧୀ ଦଳ ଉପନେତା ଭୂପେଶ ବୋସେଲ୍, ଜନସ୍ୱାସ୍ଥ୍ୟ ତଥା ପ୍ରଭାରୀ ମନ୍ତ୍ରୀ କେଦାର କଶ୍ୟପଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ସମସ୍ତ ନେତାଙ୍କ ଗୋଟିଏ ସ୍ୱର, ନକ୍ସଲ ପନ୍ଥୀ ଦେଶ ଛାଡ। ମନ୍ତ୍ରୀ ବ୍ରଜମୋହନ ନକ୍ସଲଙ୍କୁ ଚ୍ୟାଲେଞ୍ଜ କରି କହିଥିଲେ ଯେ ଲୁଚିଛପି ଆକ୍ରମଣ ବନ୍ଦ କର, ସତ୍‌ସାହାସ ଅଛି ତ ସାମନାକୁ ଆସି ଲଢେଇ କର। ନକ୍ସଲଙ୍କ କୌଣସି ବିଚାରଧାରା ନାହିଁ ବରଂ ସେମାନେ ଗାଁ, ସହର, ରାଜ୍ୟ ଏବଂ ଦେଶର ଉନ୍ନତିରେ ବାଧା ସୃଷ୍ଟି କରି ଆସୁଛନ୍ତି। ଯେଉଁମାନେ ନକ୍ସଲପନ୍ଥୀଙ୍କୁ ସମର୍ଥନ କରୁଛନ୍ତି ସେମାନେ ଦେଶଦ୍ରୋହୀ ଅଟନ୍ତି ବୋଲି ସେ କହିଥିଲେ। ବିରୋଧୀ ଦଳ ନେତା ତଥା ସଲ୍‌ୱା ଜୁଡୁମ୍‌ର ମୁଖ୍ୟ ମହେନ୍ଦ୍ର କର୍ମା କହିଥିଲେ ଯେ ନକ୍ସଲପନ୍ଥୀ ପ୍ରଥମେ ଅସ୍ତ୍ରଶସ୍ତ୍ର ଛାଡନ୍ତୁ ତାପରେ ସଲ୍‌ୱା ଜୁଡୁମ୍‌କୁ ବନ୍ଦ କରିଦିଆ ଯିବ। ମାତ୍ର ଦେଡ ବର୍ଷ ମଧ୍ୟରେ ସଲ୍‌ୱା ଜୁଡୁମ୍‌ର ଶକ୍ତି ବୃଦ୍ଧିପାଇ ନକ୍ସଲପନ୍ଥୀଙ୍କ ନେଟ୍‌ୱାର୍କକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି ବୋଲି କହିଥିଲେ। ଅନ୍ୟ ନେତାମାନେ ଯେ ଜନତା ଏକ ହେଲେ କୌଣସି ଶକ୍ତି ସମସ୍ୟା ସୃଷ୍ଟି କରି ପାରିବ ନାହିଁ। ଏହି ବିଶାଳ ଜନସମାବେଶ ଏହାକୁ ପ୍ରମାଣିତ କରିଦେଇଛି।

## ଆମେ ସବୁ ଗୋଟିଏ କାହାଣୀ ଲେଖୁଛୁ

ଅନ୍ତର୍ଜାତୀୟ ଖ୍ୟାତି ସଂପର୍ଣ୍ଣ ତଥା ବିବାଦୀୟ ଭାରତୀୟ ଲେଖକ ସଲ୍‌ମାନ ରୁସଦି କିଛି ଦିନତଳେ 'ଜୟପୁର ବିରାସତ୍ ସାହିତ୍ୟ ଉତ୍ସବ'ରେ ଯୋଗଦେବା ପାଇଁ ଭାରତ ଆସିଥିଲେ। ସେହି ଅବସରରେ ତା'ଙ୍କ ସହ କରାଯାଇଥିବା ସାକ୍ଷାତକାରର ମୁଖ୍ୟଅଂଶ:

**ଭାରତ ଆସିବାକୁ ଆପଣ ଏବେବି ଏକ 'ଘଟଣା' ବୋଲି ମନେ କରନ୍ତି କି?**

ନା, ମୋ ଲେଖାକୁ ନେଇ ଯେତେବେଳେ ପ୍ରବଳ ବିବାଦ ଚାଲିଥିଲା, ମୁଁ ଭାରତ ଆସିବା ମୋ ପାଇଁ ତଥା ଅନ୍ୟ ମାନଙ୍କ ପାଇଁ ହୁଏତ ଏକ 'ଘଟଣା' ଥିଲା। କିନ୍ତୁ ଏବେ ସେ ପରିସ୍ଥିତି ନାହିଁ। ମୁଁ ଯ୍ୟା' ଭିତରେ ଅନେକ ଥର ଏଠାକୁ ଆସିଲିଣି।

**ଭାରତ ଆସିଲେ ଆପଣଙ୍କୁ ନିଜ ଘରକୁ ଫେରିବା ଭଳି ମନେ ହୁଏନି?**

ସତ କହିବାକୁ ଗଲେ, ମୋ'ର ଘର ଅନେକ ସ୍ଥାନରେ। ତଥାପି ଏଠାକୁ ଆସିବା ବେଳେ ନିଜ ଘରକୁ ଆସିବା ଭଳି କେବେ କେବେ ଲାଗେ। ମୁମ୍ବାଇର ଯେଉଁ ଗଳିରେ ମୋ ଶୈଶବ କଟିଥିଲା ମନେପଡେ। କିନ୍ତୁ ଲଣ୍ଡନ୍‌ରେ ବି ମୁଁ ବହୁତ ବର୍ଷ ହେଲା ରହିଛି, ତେଣୁ ଲଣ୍ଡନ୍ ବି ଘର ଭଳି। ଏବେ ମୁଁ ନ୍ୟୁୟର୍କରେ ରହୁଛି, ତେଣୁ ସେ ବି ମୋର ଘର।

**'ମୂର୍ସ ଲାଷ୍ଟ ସାଏ'ର ବ୍ୟାଖ୍ୟାକାର ମୁହଁରେ ଆପଣ କହିଛନ୍ତି, 'ମୁଁ କୁଆଡୁ ଆସିନାହିଁ, ମୁଁ କେହି ନୁହେଁ?' ଏବେ 'ସାଲିମାର୍ ଦି କ୍ଲୋନ୍'ରେ ଲେଖିଛନ୍ତି, 'ସବୁ କିଛି ଏବେ ସବୁ ସ୍ଥାନର ଅଂଶ ବିଶେଷ।' ଦିନେ ଆପଣଙ୍କର ପରିଚୟ କୋଉ ସ୍ଥାନ ସହ ବି ସଂପୃକ୍ତ ନୁହେଁ ବୋଲି କହୁଥିଲେ, ଏବେ ଆପଣ ଭାବୁଛନ୍ତି, ଆପଣ ସବୁ ସ୍ଥାନର?**

'ମିଡ୍ ନାଇଟ୍ସ ଡ୍ରିମ୍ସ' ଲେଖୁଥିବା ବେଳେ ମୁଁ ଇଂଲଣ୍ଡରେ ବହୁ ବର୍ଷ ରହିସାରିଥିଲି। ମୋ'ର ଭୟ ହେଉଥିଲା ଯେ, ମୁଁ ନିଜ ଭାରତୀୟ ପରିଚୟକୁ କ୍ରମଶଃ ଭୁଲି ଯାଉଛି। ଲେଖା ମାଧ୍ୟମରେ ଭାରତସହ ସଂପର୍କ ବଜାୟ ରଖିବା ସେବେଠୁ ଆରମ୍ଭ ହେଲା। ପରେ ଜୀବନ ମତେ ଦେଶ ଦେଶ ବୁଲାଇଲା। ସେଇ ଅଭିଜ୍ଞତାରୁ ମୁଁ ଜାଣିଲି ଆମ ପୃଥିବୀଟା ବହୁତ ଛୋଟ। ପୃଥିବୀର ବିଭିନ୍ନ କୋଣରେ ଓ ବିଭିନ୍ନ ଲୋକଙ୍କ ଦ୍ୱାରା ଲେଖା ଯାଉଥିବା ଭିନ୍ନ ଭିନ୍ନ କାହାଣୀ ବି ପରସ୍ପର ସହ ସଂପୃକ୍ତ। ହୁଏତ ଆମେ ସମସ୍ତେ ଗୋଟିଏ କାହାଣୀ ଲେଖୁଛୁ। ଆଜିକାର ପରିସ୍ଥିତିରେ କିଏ କୋଉ ଦେଶର, ତାହା ଗୁରୁତ୍ୱ ହରାଇଛି। ସମସ୍ତଙ୍କ ଜୀବନ ସାରା ବିଶ୍ୱରେ ବିଛେଇ ହୋଇ ପଡିଛି। ମୋ'ର ବିଶ୍ୱାସ, ଯଦି ଲେଖକ କୌଣସି ଗୋଟିଏ ସ୍ଥାନକୁ ଗଭୀର ଭାବେ ଜାଣିଛି, ତେବେ ସେ ବିଶ୍ୱର ଯେ କୌଣସି ସ୍ଥାନ ବିଷୟରେ କିଛି ନା କିଛି କହିପାରିବ।

**ଆପଣଙ୍କ ପରିବାର କାଶ୍ମୀରରୁ ଦିଲ୍ଲୀ ଆସିଥିଲେ। ଆପଣ ଏବେ ବି ନିଜକୁ ଜଣେ କାଶ୍ମୀରବାସୀ ବୋଲି ଭାବନ୍ତି କି?**

ଯଦି ବ୍ୟକ୍ତି ପରିଚୟର ସଂଜ୍ଞାରେ କୌଣସି ଅଞ୍ଚଳର ନାଁ ରହିବା ନିତାନ୍ତ ଜରୁରି ମନେ କରାଯାଏ, ତେବେ କାଶ୍ମୀରବାସୀ ଅପେକ୍ଷା ମତେ 'ମୁମ୍ବାଇବାଲା' ବେଶୀ କୁହାଯାଇ ପାରିବ। ତେବେ କାଶ୍ମୀରର କିଛି କିଛି ଚିହ୍ନ ମୋ ଭିତରେ ରହିଥିବା ମୁଁ ଅନୁଭବ କରେ।

**କାଶ୍ମୀରଠାରୁ ଦୂରରେ ରହି ସେଠାକାର ପରିସ୍ଥିତିକୁ ବ୍ୟକ୍ତିଗତ ଭାବେ ନ ଦେଖି, ଲେଖିବା ପାଇଁ ଟେଲିଭିଜନ୍ ବା ଖବରକାଗଜ ଉପରେ ନିର୍ଭର କରିବାକୁ 'ସୃଜନଶୀଳ ଆମୋଦ' କୁହାଯିବ ନାହିଁ କି?**

ସେ କଥା ପାଠକ ମାନେ କହିବେ। ତେବେ ମୁଁ ଭାବେ ତାହା ଅସମ୍ଭବ ନୁହେଁ। ପ୍ୟାରିସ୍‌ରେ ରହି ବି ଜୟେସ୍ ଡବ୍ଲିନ୍ ବିଷୟରେ ସଫଳ ଭାବେ ଲେଖିଛନ୍ତି।

**ଆପଣଙ୍କ ଉପନ୍ୟାସକୁ ନେଇ ଭୀଷଣ ବିବାଦ ଉଠିଥିଲା, ଆପଣଙ୍କ ବିରୋଧରେ ଫତୱା ଜାରୀ ହେଇଥିଲା। ଆପଣ ଏବେ ବି କଣ ସେ ଆଶଂକାରେ ବଞ୍ଚୁଛନ୍ତି?**

ତା'କୁ 'ଆଶଂକା' ନୁହେଁ ହତାଶା କହିବା ଠିକ ହେବ। ଲୋକେ ଲେଖକର ଯୁକ୍ତିକୁ ନ ବୁଝି ପ୍ରତିକ୍ରିୟାଶୀଳ ହେଲେ ଯେମିତି ଘଟେ।

**'ସାଟାନିକ୍ ଭର୍ସେସ' ଉପରୁ ଏବେ ବି ଭାରତରେ ନିଷେଧାଦେଶ ପ୍ରତ୍ୟାହାର କରାଯାଇ ନାହିଁ। ଏଠାକୁ ଆସିଲେ ସେଥିପାଇଁ ଆପଣ ଅପମାନିତ ଅନୁଭବ କରନ୍ତି କି?**

ହଁ। କିନ୍ତୁ 'ଅପମାନ' ହୁଏତ ଠିକ୍ ଶବ୍ଦ ହେବ ନାହିଁ।

**ସାହିତ୍ୟ ପାଇଁ ବିଜ୍ଞାପନ ଜରୁରୀ କି?**

ସାହିତ୍ୟ ପାଇଁ ନୁହେଁ, ସାହିତ୍ୟିକର ବ୍ୟାଙ୍କ୍ ବାଲାନ୍ସ ପାଇଁ ହୁଏତ ବିଜ୍ଞାପନ ଜରୁରୀ ହୋଇପାରେ। ଇତିହାସ କହୁଛି, ବହୁ ଉଚ୍ଚଦରର ବହି ବ୍ୟବସାୟିକ ସଫଳତା ପାଇ ନାହିଁ। ୱିଲିୟମ୍ ବ୍ଲାକ୍ ବଞ୍ଚିଥିବା ବେଳେ ତା'ଙ୍କ ବହି, 'ସଙ୍ଗ୍ ଅଫ୍ ଇନୋସେନ୍ସ ଆଣ୍ଡ୍ ଏକ୍ସ୍‌ପିରିୟନ୍ସ'ର ମାତ୍ର ପାଞ୍ଚଖଣ୍ଡ କପି ବିକ୍ରି ହୋଇଥିଲା। 'ମିଡ୍‌ନାଇଟ୍ସ ଚିଲ୍ଡ୍ରେନ୍' ପ୍ରକାଶିତ ହେବା ବେଳେ ଉନ୍ମୋଚନ ଉତ୍ସବକୁ ପ୍ରକାଶକ ନୁହେଁ ମୋର ଜଣେ ବନ୍ଧୁ ତାଙ୍କ ପକେଟ୍‌ରୁ ଖର୍ଚ୍ଚ କରି ଆୟୋଜନ କରିଥିଲେ। କଳାକାର ସବୁ ଯୁଗରେ ଏ ପରିସ୍ଥିତିର ସାମନା କରେ। ଏହା

ଜାଣିବି, କଳାକାର କଲମ ଧରେ। କାରଣ, ତା'ର କିଛି କହିବାର ଥାଏ।

**ଶୁଣାଯାଏ ଆପଣଙ୍କ ପତ୍ନୀ ପଦ୍ମାଲକ୍ଷ୍ମୀ ଆପଣଙ୍କୁ ପ୍ରଥମଥର ପାଇଁ ଭେଟିବା ବେଳେ ଆପଣଙ୍କର ଗୋଟିଏ ବି ଉପନ୍ୟାସ ପଢିନଥିଲେ?**

ମୁଁ ଭେଟୁଥିବା ସମସ୍ତ ଲୋକ ମୋତେ ପଢିଥିବେ ବୋଲି ମୁଁ କେବେ ଆଶା କରେ ନାହିଁ।

**ଆପଣଙ୍କ ଜୀବନକୁ ନେଇ ଫିଲ୍ମ ନିର୍ମାଣ କରାଯାଉଥିବା ଶୁଣାଯାଉଛି?**

ହଁ, ସେଇଭଳି ପ୍ରସ୍ତାବ ଆସିଛି। କିନ୍ତୁ ମୁଁ ରାଜି ହୋଇନାହିଁ। କାରଣ ମୋ' ସଂପର୍କରେ ଆଉ କେହି ବର୍ଣ୍ଣନା କରିବା ମୁଁ ପସନ୍ଦ କରେନାହିଁ। ସେମାନେ ମୋ ପ୍ରତି ନ୍ୟାୟ କରି ପାରିବେ ନାହିଁ। ତେଣୁ ମୁଁ ନିଜେ ହିଁ ମୋ କଥା କହିବି।

ସୌଜନ୍ୟ:ଏନ୍‌ଡିଟିଭି

# ନବ ଉତ୍କଳର ଅନ୍ତୁଡିଶାଳ ଆଜି ଅବକ୍ଷୟମୁଖୀ

ଦେବାଶିଷ ପାତ୍ରୀ/ ଶୈଳେଶ ଗନ୍ତାୟତ

ପାରଳାଖେମୁଣ୍ଡି: ନବ ଉତ୍କଳକୁ ଜନ୍ମ ଦେଇଥିବା ଇତିହାସର ସେହି ମୂକସାକ୍ଷୀ ୧୭୩ ବର୍ଷର ଐତିହାସିକ କୀର୍ତ୍ତିରାଜି ପାରଳାଖେମୁଣ୍ଡିର ରାଜନବର ରକ୍ଷଣା ବେକ୍ଷଣ ଅଭାବରୁ ବର୍ତ୍ତମାନ ଅବକ୍ଷୟମୁଖୀ ହୋଇ ପଡିଛି। ଜବର ଦଖଲ ଓ ସମ୍ମୁଖ ଭାଗରେ ବିରାଟ ଅଟ୍ଟାଳିକା ନିର୍ମାଣ କରାଯିବା ଦ୍ୱାରା ଏହାର ସ୍ୱତନ୍ତ୍ରତା ନଷ୍ଟ ହୋଇଛି। ଆବଶ୍ୟକ ମରାମତି ସାଙ୍ଗକୁ ରକ୍ଷଣା ବେକ୍ଷଣ କରାଯାଉ ନ ଥିବାରୁ ଆଜି ସେହି ୧୭୩ ବର୍ଷର ପୁରୁଣା କୀର୍ତ୍ତିରାଜୀ ପାରଳା ରାଜନବର



ଧ୍ୱଂସମୁଖୀ ହେବାର ଲାଗିଛି।

ତତ୍‌କାଳୀନ ପାରଳା ରାଜା ଜଗନ୍ନାଥ ଗଜପତି ନାରାୟଣ ଦେବ ତୃତୀୟଙ୍କ ରାଜତ୍ୱ ସମୟରେ ୧୮୩୫ ମସିହାରେ ଏହି ରାଜପ୍ରାସାଦ ପାଇଁ ଚାରି ଲକ୍ଷ ପଚାଶ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଲଣ୍ଡନ୍‌ର ବକିଂହାମ୍ ପ୍ୟାଲେସ୍ ଶୈଳୀରେ ରାଜନବର ନିର୍ମାଣ ପାଇଁ ବ୍ରିଟିଶ୍ ଇଂଜିନିୟର ମି ଚେକମ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୧୮୩୫ ମସିହାରେ ଏହି ପ୍ରାସାଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ










ଆଠବର୍ଷ ପରେ ଅର୍ଥାତ୍ ୧୮୪୩ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ରାଜନବରର ନିର୍ମାଣ ଶୈଳୀର ବିଶେଷତ୍ୱ ହେଲା, ଏହାର କେନ୍ଦ୍ର ସ୍ଥଳୀରେ ରହି ଦେଖିଲେ ଦର୍ପଣରେ ଆମେ ନିଜର ପ୍ରତିବିମ୍ବ ଦେଖିଲା ପରି ଗୋଟିଏ ପାର୍ଶ୍ୱ ଅନ୍ୟ ପାର୍ଶ୍ୱର ପ୍ରତିବିମ୍ବ ଭଳି ଦେଖାଯାଏ। ରାଜନବରର ସମ୍ମୁଖ ଭାଗରେ ଥିବା ଦୁଇଗୋଟି ସିଂହ ସାଙ୍ଗକୁ ସୁଉଚ୍ଚ ଗମ୍ବୁଜ ନବରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ରାଜନବରରେ ଅଶିଗୋଟି କୋଠରୀ ରହିଛି। ଏହା ଛଡା ଟେନିସ୍ ପଡିଆ, ଘୋଡାଶାଳ, ମାଣିକେଶ୍ୱରୀ ମନ୍ଦିର, ରାଜମହଲ, ରାଣୀମହଲ, ଦରବାର ହଲ, ଗନ୍ତାଘର ଆଦି ରହିଛି। ଏହି ଐତିହାସିକ ସ୍ଥଳୀରେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ତତ୍ତ୍ୱାବଧାନରେ ୧୯୧୪ ମସିହାରେ ଦଶମ ଉତ୍କଳ ସମ୍ମିଳନୀର ଆୟୋଜନ କରାଯାଇଥିଲା।

ଯେଉଁ ରାଜନବରରୁ ମହାରାଜା କୃଷ୍ଣଚନ୍ଦ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ, ସେହି ସ୍ୱପ୍ନ ସାକାର ହେଲା ସତ ହେଲେ ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ ଏହି ଅନ୍ତୁଡିଶାଳ ଆଜି ଧ୍ୱଂସାଭିମୁଖୀ ହୋଇ ପଡିଛି। ପାରଳା ରାଜଦାଣ୍ଡର ଉପର ମୁଣ୍ଡରେ ରହି ରାଜପ୍ରାସାଦକୁ ନଜରଟିଏ ପକାଇଲେ ତାହାର ସୌନ୍ଦର୍ଯ୍ୟ ଆଖି ଭରି ଦେଉଥିଲା। ଆଜି ଆଉ ତାହା ନାହିଁ। ରାଜ ପରିବାର ପକ୍ଷରୁ ନବର ସମ୍ମୁଖ ଭାଗକୁ ବିକ୍ରି କରି ଦିଆଯିବ ଏବଂ ସେହି ସ୍ଥାନରେ ସୁଉଚ୍ଚ ଅଟ୍ଟାଳିକା ମାନ ଗଢି ଉଠିବା ଯୋଗୁଁ ନବରର ସୌନ୍ଦର୍ଯ୍ୟ କଦାକାର ହୋଇଯାଇଛି। ତିନି ବର୍ଷ ପୂର୍ବେ ପାରଳା ରାଜପରିବାରର ଦାୟାଦ ତଥା ପାରଳା ମହାରାଜ ଗୋପୀନାଥ ଗଜପତି ଏହି ନବରର ସୁରକ୍ଷା ପାଇତ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଓ ଇଣ୍ଡିଆନ ଟ୍ରଷ୍ଟ୍ ଫର୍ ଆର୍ଟ୍ ଏଣ୍ଡ୍ କଲ୍‌ଚର ସଂସ୍ଥା ନିକଟରେ ଦାବି କରିଥିଲେ। ଇଣ୍ଡିଆନ ଟ୍ରଷ୍ଟ୍ ଫର୍ ଆର୍ଟ୍







ମହାରାଜ କୃଷ୍ଣଚନ୍ଦ୍ର ଗଜପତି

ଏଣ୍ଡ୍ କଲ୍‌ଚର ସଂସ୍ଥା ପକ୍ଷରୁ ଏହାର ମରାମତି ପାଇଁ ସର୍ଭେ ଓ ବ୍ୟୟ ଅଟକଳ ପାଇଁ ଦୁଇ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବାକୁ ସର୍ତ୍ତ ରଖାଯାଇଥିଲା । ଟଙ୍କା ପ୍ରଦାନ କରାଯାଇ ପାରୁ ନଥିବାରୁ ମରାମତି ପାଇଁ ପ୍ରାଥମିକ ସର୍ଭେ ହୋଇ ପାରୁନାହିଁ । ରାଜନବରର ମରାମତି ପାଇଁ ୧୫ ରୁ ୨୦ ଲକ୍ଷ ଟଙ୍କା ଆବଶ୍ୟକ ହୋଇପାରେ ବୋଲି ବିଶେଷଜ୍ଞ ମାନେ ମତ ଦିଅନ୍ତି । ଏହି ଅନୁଦାନ ରାଜ୍ୟ ସରକାର ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏହି ରାଜନବରରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ବିଜୁ ବାବୁ ସଦାସର୍ବଦା ପାରଳା ରାଜ ପରିବାର ପ୍ରତି ସମ୍ମାନ ପ୍ରଦର୍ଶନ କରି ଆସୁଥିଲେ । ଏମିତିକି ପାରଳା ରାଜା ଗୋପୀନାଥ ଗଜପତି କଂଗ୍ରେସ ଦଳରୁ ବ୍ରହ୍ମପୁର ସଂସଦ ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବିଜୁବାବୁ ବିରୋଧୀ ଦଳରେ ଥାଇ ମଧ୍ୟ ରାଜ ପରିବାରର ଲୁଣ ଖାଇଛି ସେହି ରାଜପରିବାର ବିରୋଧରେ ପ୍ରଚାର କରିବି ନାହିଁ ବୋଲି କହି ପ୍ରଚାର ପାଇଁ ଗଜପତି ଜିଲ୍ଲା ଗସ୍ତ କରି ନଥିଲା । ନବୀନ ବାବୁ ତାଙ୍କର ଦାୟାଦ ହିସାବରେ ରାଜପରିବାରର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅନୁଦାନ ପ୍ରଦାନ କରି ସ୍ୱତନ୍ତ୍ର ଉତ୍କଳ ଗଠନର ସ୍ମୃତିକୁ ଉଜ୍ଜିଇତ କରି ରଖନ୍ତୁ ବୋଲି ଦାବି ହୋଇଛି ।

ରାଜ୍ୟ ସରକାର ତଥା ରାଜ୍ୟ ପର୍ଯ୍ୟଟନ ବିଭାଗ ପାରଳା ରାଜନବରକୁ ପୁନରୁଦ୍ଧାର କରି ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଲେ ରାଜସ୍ୱ ଆଦାୟ ସହ ପର୍ଯ୍ୟଟନର ବିକାଶ ହୋଇପାରନ୍ତା । ଏହା ଗଜପତି ଜିଲ୍ଲାର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇପାରନ୍ତା । ତେବେ ଏହି ରାଜନବରର ଆବଶ୍ୟକ ମରାମତି ଓ ରକ୍ଷଣା ବେକ୍ଷଣ କରାଯାଇ ପାରୁ ନଥିବାରୁ ଦିନେ ଏହା ଧ୍ୱଂସସ୍ତୁପରେ ପରିଣତ ହେବା ନିଶ୍ଚିତ ।



ଆହ୍ୱାନ
ଓଡିଶାର ପ୍ରଥମ ଓ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ନିବେଦନ

ଆମର ଏହି ସଂସ୍କରଣ କେମିତି ଲାଗିଲା ନିଶ୍ଚୟ ଲେଖି ଜଣାଇବେ । ଅନ୍ୟ ସମସ୍ତ ସଂସ୍କରଣଠାରୁ ବହୁତ କମ ଚିତ୍ର ଏହି ସଂସ୍କରଣରେ ପ୍ରକାଶ ପାଇଛି, ଏହାର କାରଣ ହେଉଛି, ଏହି ପତ୍ରିକା ପ୍ରକାଶନ ବେଳକୁ ମୁଁ କଟକରେ ଆସି ହୋଟେଲ୍‌ରେ ରହୁଛି, ଏବଂ ମୋ ଲ୍ୟାପ୍‌ଟପ୍‌ରେ ବର୍ତ୍ତମାନ କିଛି ବି ଚିତ୍ର କିମ୍ବା ଫୋଟୋ ନାହିଁ ଏବଂ ସେଇଥି ପାଇଁ ଆମ ୱେବ୍‌ସାଇଟ୍‌ରେ ବି ଅଧିକାଂଶ ସ୍ଥାନରେ ଚିତ୍ରର ପ୍ରୟୋଗ କରାଯାଇ ନାହିଁ। ବ୍ରହ୍ମପୁର ଫେରିବାପରେ ୱେବ୍‌ସାଇଟ୍‌କୁ ଅଧିକ ସୁନ୍ଦର ଭାବରେ ନିର୍ମାଣ କରିବାର ଯୋଜନା କରିଛି । ଆପଣ ମାନଙ୍କ ସ୍ନେହ ଓ ସଦିଚ୍ଛା ରହିଥିଲେ ଆମେ ଆଗକୁ ଆହୁରି ଅଧିକ ଉନ୍ନତି କରିବୁ ।

ଆମର ଏହି ପତ୍ରିକା ବ୍ୟତୀତ ବର୍ତ୍ତମାନ ଇଣ୍ଟର୍‌ନେଟ୍‌ରେ ଆମର ଗ୍ରୁପ୍ ଓ ଫୋରମ୍ ସକ୍ରିୟ ରହିଛି, ତେଣୁ ଆପଣ ମାନଙ୍କୁ ଅନୁରୋଧ ଆପଣ ମାନେ ଆମ ୱେବ୍‌ସାଇଟ୍‌ରୁ ଆମର ଗ୍ରୁପ୍ ଓ ଫୋରମ୍‌ର ଠିକ୍‌ଣାରେ କ୍ଲିକ୍ କରି ସଦସ୍ୟ ହୁଅନ୍ତୁ । ଆସନ୍ତୁ ଏକ ହେବା, ଓଡିଶାକୁ ନବଉତ୍କଳର ନିକଟକୁ ନେଇ ଯିବା ।

ଆହ୍ୱାନର ଉନ୍ନତି ଭାଗିଦାର ହୁଅନ୍ତୁ, ଆମ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ ସଂପର୍କରେ ବିସ୍ତୃତ ବିବରଣୀ ଜାଣିପାରିବେ । ଆମର ବିଭିନ୍ନ କାର୍ଯ୍ୟକ୍ରମରେ ଆପଣ ସକ୍ରିୟ ଅଂଶ ଗ୍ରହଣ କରିପାରିବେ, କିମ୍ବା ଆମକୁ ସାହାଯ୍ୟ କରିପାରିବେ । ଆମର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତରେ ରହିଛି, ଗ୍ରାମ୍ୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଯାହାଦ୍ୱାରା ଆମେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଥିବା ବିଭିନ୍ନ ଭ୍ରାନ୍ତ ଧାରଣା ସବୁକୁ ବଦଳାଇବାକୁ ଚେଷ୍ଟା କରିବୁ । ଗ୍ରାମ୍ୟ ସ୍ୱାସ୍ଥ୍ୟ ଶିବିର, ଯେଉଁଥିରେ ବିଶେଷତଃ ବୃଦ୍ଧ ବୃଦ୍ଧା ତଥା ଶିଶୁମାନଙ୍କ ସ୍ୱାସ୍ଥ୍ୟର ମାଗଣା ପରାମର୍ଶ ଓ ଚିକିତ୍ସାର ବ୍ୟବସ୍ଥା କରିବୁ । ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନ୍ତର୍ଗତ କାର୍ଯ୍ୟକ୍ରମରେ ଆମେ କୌଣସି ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଇଠି ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ଇତ୍ୟାଦି ବିଷୟରେ ଚେତେଇଦେବୁ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଏହି ସବୁ ଶିକ୍ଷା ଦେବାର ବ୍ୟବସ୍ଥା କରିବୁ । ଆମର ଏହି ତିନୋଟି ମୁଖ୍ୟ କାର୍ଯ୍ୟକ୍ରମ ବର୍ତ୍ତମାନ ଆମେ ଅନେକ ଗ୍ରାମୀଣ ଅଞ୍ଚଳରେ ଯାଇ କରିସାରିଲୁଣି, ଏବଂ ଆଗକୁ ଆହୁରି ଅନେକ ସ୍ଥାନରେ ଏହିପରି କାର୍ଯ୍ୟକ୍ରମ ମାନ କରିବାର ଲକ୍ଷ୍ୟ ରଖିଛୁ । ଆପଣ ମାନେ ଆମର ଏହି କାର୍ଯ୍ୟକ୍ରମ ସବୁକୁ ପ୍ରଯୋଜନା କରିପାରିବେ । ଯଦି ଆପଣ ଯେ କୌଣସି ଗୋଟିଏ କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ବହନ କରିବେ ତା'ହେଲେ ଆମେ ଆପଣଙ୍କ ନାମକୁ ସେହି କାର୍ଯ୍ୟକ୍ରମ ସମୟରେ ଆମ ସଂସ୍ଥାର ବ୍ୟାନର୍ ତଳେ ପ୍ରମୁଖସ୍ଥାନରେ ଛାପିବୁ ଏବଂ ଏହି କାର୍ଯ୍ୟକ୍ରମର ସମସ୍ତ ବିବରଣୀ, ତଥା ଫୋଟୋଚିତ୍ରକୁ ଆପଣଙ୍କ ନିକଟକୁ ସିଡି ମାଧ୍ୟମରେ ପଠାଇବୁ । ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ଶିବିର ପାଇଁ ଆନୁମାନିକ ଖର୍ଚ୍ଚ ୪ ହଜାର ଟଙ୍କା ହେଉଥିବା ବେଳେ, ଗ୍ରାମ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଖର୍ଚ୍ଚ ୫ ହଜାର ଟଙ୍କା ହୁଏ ଏବଂ ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ଖର୍ଚ୍ଚ ହୁଏ ମାତ୍ର ୨ ହଜାର ୫ ଶହ ଟଙ୍କା । ଆପଣ କେଉଁ କାର୍ଯ୍ୟକ୍ରମକୁ ପ୍ରଯୋଜନା କରିବେ ଆପଣ ନିଜେ ନିଷ୍ପତି ନେଇ ଜଣାଇଲେ ଆମେ ଆପଣଙ୍କୁ ଦିନ ଓ ତାରିଖ ସହିତ ସ୍ଥାନ ବିଷୟରେ ସବିଶେଷ ବିବରଣୀ ଜଣାଇବୁ, ଏବଂ ଯଦି ଆପଣଙ୍କ ସୁଯୋଗ ଥାଏ ତେବେ ଆପଣ ଆମର ଏହି ଶିବିର ସମୟରେ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧା ତଦାରଖ କରିପାରିବେ ।

ଏତଦ୍ ବ୍ୟତୀତ ଆପଣ ଆମ ୱେବ୍‌ସାଇଟ୍‌ର ବିଜ୍ଞାପନ ପୃଷ୍ଠାରୁ ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରି ପାରିବେ ଏବଂ ଆମକୁ ସାହାଯ୍ୟ କରିପାରିବେ ।

Starting this month our website address is changed and the new website is still under construction, so if you missed few pages then please visit again.

http://aahwaan.9999mb.com